## ସଂକ୍ଷେପରେ

### ମାଲକାନଗିରି ଜିଲ୍ଲା: ୨ ଜଣ ଓଏଏସ୍‌ରେ କୃତକାର୍ଯ୍ୟ



ମାଲକାନଗିରି,୩୧।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ୨ ଜଣ ଶିକ୍ଷକଙ୍କ ଝିଅ ପୁଅ ଓଡିଶା ପ୍ରଶାସନିକ ସେବା(ଓଏଏସ୍)ରେ କୃତକାର୍ଯ୍ୟ ହୋଇଛନ୍ତି। ସୋମବାର ଓଡିଶା ପ୍ରଶାସନିକ ସେବା ୨୦୨୧-୨୨ ଫଳାଫଳ ଘୋଷଣା ହେବା ପରେ ମାଲକାନଗିରି ସଦର ବ୍ଲକ ସହକାରୀ ଶିକ୍ଷାଧିକାରୀ ଗୌରାଙ୍ଗ ସଜ୍ଜନଙ୍କ ଝିଅ ମୌସୁମୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଅନ୍ୟ ଜଣେ ଶିକ୍ଷକ ତାରକ ମଣ୍ଡଳଙ୍କ ପୁଅ ତନ୍ମୟ କୃତକାର୍ଯ୍ୟ ହୋଇଛନ୍ତି ।

### କାଲିମେଲାର ସି.ଏଚ୍. ତିରୁପତି ପାଇଲେ ଓଏଏସ୍

କାଲିମେଲା, ୩୧।୭(ଜୀବନକୃଷ୍ଣ ଦାସ)

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ୨୦୨୧ ଫଳ ସୋମାବର ପ୍ରକାଶିତ ହୋଇଛି। ଏଥିରେ ମାଲକାନଗିରି ଜିଲା କାଲିମେଲାର ସି.ଏଚ. ତିରୁପତି ୩୮୬ ର୍‍ୟାଙ୍କ ରଖି ଓଏଏସ୍ ପାଇଛନ୍ତି। ତିରୁପତି କାଲିମେଲା ସଦର ମହକୁମା ତେଲୁଗୁସାହି ବାସିନ୍ଦା ହୋଇଥିବା ବେଳେ ବାପା ସି ଏଚ ଭେଙ୍କଟରାବଣା ଏବଂ ସି ଏଚ କଲାବତୀଙ୍କ ପୁତ୍ର ଅଟନ୍ତି। ବାପା ୨୦୧୨ରେ ରୋଗାକ୍ରାନ୍ତ ହୋଇ ମୃତ୍ୟୁ ଘଟିବା ପରେ ମା' ଏକ ଛୋଟ ବ୍ୟବସାୟ କରି ପିଲାମାନଙ୍କୁ ପାଠ ପଢାଇଥିଲେ।



ତିରୁପତି ବର୍ତ୍ତମାନ କାଲିମେଲା ବ୍ଲକ ଗୁମୁକା ପଞ୍ଚାୟତର ଗ୍ରାମୀଣ ଡାକ ସେବକ ଭାବେ କାର୍ଯ୍ୟ କରୁଛନ୍ତି। ନିଜ କାର୍ଯ୍ୟରୁ ସମୟ ବାହାର କରି କଠିନ ପରିଶ୍ରମ ଏବଂ ଏକାଗ୍ରତା ତାଙ୍କୁ ସଫଳତା ଆଣି ଦେଇଛି । ତିରୁପତି କାଲିମେଲା ହାଟପଦା ପ୍ରାଇମେରୀ ବିଦ୍ୟାଳୟରେ ପାଠ ପଢି ପରେ କାଲିମେଲା ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ମାଙ୍ଗୀପଲ୍ଲୀ ବିଦ୍ୟାଳୟରୁ ଦଶମ ଶ୍ରେଣୀର ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ଭୁବନେଶ୍ୱର ବିଜେବି କଲେଜରୁ ଯୁକ୍ତ ୨ ପାସ କରି ବାଲିମେଲା ବିଜ୍ଞାନ କଲେଜରୁ ୨୦୧୭ ରେ ଡିଗ୍ରୀ ହାସଲ କରିଥିଲେ। ସେ ବିଗତ ୨ ବର୍ଷ ଧରି ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ପ୍ରଥମ ବର୍ଷ କିଛି ମାର୍କ ପାଇଁ ସେ କଟି ଯାଇଥିଲେ।

### ଫେରାର ଅଭିଯୁକ୍ତ ଗିରଫ

ଆସିକା,୩୧।୭ (ସୁରେନ୍ଦ୍ର ନାଥ ସାହୁ)

ଗାଙ୍ଗପୁର ଥାନା ସିଙ୍ଗିପୁର ଗ୍ରାମରୁ ସୋମବାର ଜଣେ ଫେରାର ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସେହେଲେ ସେହି ଗ୍ରାମର ଅଜୟ ବିଷୋୟୀ। ୨୦୧୪ରୁ ଏକ ନିର୍ଯ୍ୟାତନା ମାମଲାରେ ସଂପୃକ୍ତ ଥାଇ ଅଭିଯୁକ୍ତ ଜଣକ ଅଦାଲତରେ ହାଜର ହେଉନଥିଲେ। ଅଦାଲତ ପକ୍ଷରୁ ଜାରି କରାଯାଇଥିବା ଏକ ପରୱାନା ବଳରେ ପୋଲିସ ଗିରଫ କରିଥିବା ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

# ୫୪୧୫ ଛାତ୍ରୀଛାତ୍ର ଡ୍ରପ୍‌ଆଉଟ୍

■ ମାଲକାନଗିରି ଜିଲ୍ଲା
■ ସବୁ ବିଭାଗକୁ ସତର୍କ କଲା ପ୍ରଶାସନ

ମାଲକାନଗିରି,୩୧।୭ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଶିଶୁ ସୁରକ୍ଷା ଉପରେ ପ୍ରସାସନ ତରଫରୁ ଗୁରୁତ୍ୱ ଦିଆଯିବା ସହ ସୋମବାର ଅନୁଷ୍ଠିତ ବୈଠକରେ ସମସ୍ତ ବିଭାଗକୁ ସତର୍କ କରାଯାଇଛି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିଶୁ ମଙ୍ଗଳ କମିଟି ଅଧକ୍ଷ ସଂଯୁକ୍ତା ପ୍ରଧାନ, ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ଓ ଅନ୍ୟ ଅଧିକାରୀମାନେ ଯୋଗଦେଇ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଭିନ୍ନକ୍ଷମ ଓ ଅନାଥଙ୍କ ଥଇଥାନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

ବିଶେଷ କରି ଜିଲାରେ ଅଧାରୁ ପାଠ ଛାଡିଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଜିଲାରେ ଯେପରି



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

କୌଣସି ଶିଶୁ ପୃଷ୍ଟିହୀନତାର ଶିକାର ନ ହୁଅନ୍ତି ସେଥିପାଇଁ ସମ୍ପୃକ୍ତ ବିଭାଗ ଗୁଡିକ ଅଗ୍ରାଧିକାର ଭିତିରେ ସେମାନଙ୍କ କାର୍ଯ୍ୟ ତୁଲାଇବେ । ପୁଷ୍ଟି ସାଧନ ପାଇଁ ସରକାରଙ୍କ ତରଫରୁ ଦିଆଯାଉଥିବା ଛତୁଆର ମାନ ଠିକ୍ ରହିବା ସହ ଏଥିରେ ଯଦି କୌଣସି ଅବହେଳା କରାଯାଏ ସମ୍ପୃକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାଝି ଚେତାଇ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରେ ନାବାଳକ ନାବାଳିକା ଶିଶୁମାନେ ଅଧାରୁ ପାଠ ଛାଡିଥିବା ବିଷୟରେ ଆଲୋଚନା କରାଯାଇ ଏହାକୁ ଗମ୍ଭିରତାର ସହ ନିଆ ଯିବା ସହ ଶିକ୍ଷା ବିଭାଗ ତୁରନ୍ତ ଏହି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ପୁନଃ ଶିକ୍ଷା ଗ୍ରହଣ ପାଇଁ ନିଷ୍ପତି ନିଆଯାଇଥିଲା। ଜିଲା ପ୍ରଶାସନର ତଥ୍ୟ ଅନୁଯାୟୀ ଜିଲାର ସାତଟି ବ୍ଲକରେ ବାପା ମା ଛେଉଣ୍ଡ ପିଲାଙ୍କ ସଂଖ୍ୟା ୧୨୦ ଥିବା ବେଳେ ବାପା ଛେଉଣ୍ଡ ବାଳିକା ବାଳିକ ୫୩୯, ମା ଛେଉଣ୍ଡ ବାଳିକା ବାଳକ ସଂଖ୍ୟା ୨୦୭ । ଏହିପରି ଜିଲ୍ଲାର ସାତଟି ବ୍ଲକରେ ମୋଟ ୮୬୬ ଜଣ ବାଳକ ବାଳିକା ଅନାଥ ପିଲା ଅଛଁ। ସେହିପରି ମାଲକାନଗିରି ଜିଲ୍ଲାର ସାତଟି ବ୍ଲକରେ ଅଧାରୁ ପାଠ ଛାଡିଥିବା ୫ ବର୍ଷରୁ ୧୪ ବର୍ଷ ବୟସର ବାଳିକା ବାଳକ ସଂଖ୍ୟା ୧୬୧୩, ୧୫ ବର୍ଷରୁ ୧୭ବର୍ଷ ବୟସର ୩୨୪୫, ୧୮ ବର୍ଷ ଏବଂ ତଦୁର୍ଦ୍ଧ ୫୫୭ ଜଣ ଅଛିନ୍ତି। ଜିଲାରେ ମୋଟ ୫୪୧୫ ଜଣ ଅଧାରୁ ପାଛ ଠାଡିଥିବା ଛାତ୍ରୀଛାତ୍ର ଥିବା ବୈଠକରେ ବିଭିନ୍ନ ବିଭାଗ ସେମାନଙ୍କ ତଥ୍ୟ ପ୍ରଦାନ କରଥିଲେ। ଏଥିସହ ବାଲ୍ୟ ବିବାହ, ଶିଶୁ ଶ୍ରମିକ ରୋକିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା।

## ନବୋଦୟ ବିଦ୍ୟାଳୟ-୨ରେ କ୍ୟାରିୟର କାଉନ୍‌ସେଲିଂ




କ୍ୟାରିୟର କାଉନ୍‌ସେଲିଂରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

ବାଲିମେଲା, ୩୧।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଲା ସ୍ଥିତ ନବୋଦୟ ବିଦ୍ୟାଳୟ-୨ରେ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଯତୀନ୍ଦ୍ର କୁମାର ରଥଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉପ ଜିଲାପାଳ ତଥା ପୂର୍ବତନ ଛାତ୍ର ତ୍ରିନାଥ ମାଝି ଯୋଗଦେଇ ଛାତ୍ରୀଛାତ୍ରଙ୍କର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ ଅଙ୍ଗତ ଖୋସଲା ପିଲାମାନଙ୍କୁ କ୍ୟାରିୟର ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମାଲକାନଗିରି ଏସ୍‌ଡିସି ଚେୟାରମ୍ୟାନ ଆଡମା ରାବା ଯୋଗଦେଇ ଏକାଗ୍ରତା ଓ ନିଷ୍ଠାବାନ ହୋଇ ପାଠ ପଢ଼ାରେ ମନୋନିବେଶ କରିବା ଦରକାର । ସଫଳତା ଆପେ ଆପେ ମିଳିଯିବ ବୋଲି କହିଥିଲେ। ଗଞ୍ଜାମ ଓ କୋରାପୁଟର ନବୋଦୟ ବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନ ସଦସ୍ୟମାନଙ୍କ ସହଭାଗିତାରେ ଛାତ୍ରୀଛାତ୍ରଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ କ୍ୟାରିୟର ବିଷୟରେ ବୁଝାଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଲଗାଣ ବର୍ଷା: ଧାନ ରୁଆ ଆରମ୍ଭ



ମହିଳାମାନେ ବିଲରେ ଧାନ ରୋଉଛନ୍ତି।

ମାଲକାନଗିରି, ୩୧।୭(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲାରେ ବିଳମ୍ବରେ ମୌସୁମୀ ବର୍ଷା ହୋଇଥିବାରୁ ଚାଷୀମାନେ ଏକ ପ୍ରକାର ଚିନ୍ତାରେ ଥିଲେ । ଫଳରେ ବିଭିନ୍ନ ଉପାୟରେ ଧାନ ତଳି ପକାଇଥିବା ବେଳେ ଧାନ ରୋଇବା ପାଇଁ ବର୍ଷାକୁ ଅପେକ୍ଷା କରିଥିଲେ। ଗତ ୨ ସପ୍ତାହ ଧରି ଲଘୁଚାପ ବର୍ଷାରେ ମାଲକାନଗିରିର ଅନେକ ଅଞ୍ଚଳ ଜଳମଗ୍ନ ଏବଂ ପୋଲ ଉପରେ ବର୍ଷା ଜଳ ପ୍ରବାହିତ ଯୋଗୁ ଯାତାୟାତ ଠପ୍ ହୋଇଯାଇଥିଲା। ତେବେ ଯେଉଁ ଚାଷୀ ଆଗରୁ ଧାନ ତଳି ପକାଇଥିଲେ ଜମିରୁ ବର୍ଷାଜଳ କମିଲା ପରେ ବର୍ତ୍ତମାନ ରୁଆ ବିଭିନ୍ନ ଅଞ୍ଚଳରେ ଲାଗି ରହିଛି। ମହିଳାମାନେ ଆନନ୍ଦରେ ନିଜ କ୍ଷେତରେ ପାରମ୍ପରିକ ଗୀତ ଗାଇ ଧାନ ରୋଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ରୋଇବା ପୂର୍ବରୁ ସେମାନେ ମାଟି ମା'କୁ ପୂଜା କରି ଚଳିତ ବର୍ଷ ଭଲ ଅମଳ ପାଇଁ କାମନା କରିଛନ୍ତି। ଏପରି ଏକ ଦୃଶ୍ୟ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ କୋଇଲିପାରି ଗ୍ରାମର ମହିଳା ଚାଷୀମାନେ ବିଲରେ କାର୍ଯ୍ୟ କରିଥିବା ଦେଖିବାକୁ ମିଳିଛି।

## ଝରିଗାଁ, ଧୋଡ୍ରାରେ ଯୁକ୍ତ ୩ କଲେଜ ଦାବି କଲେ ବିଧାୟକ

ଝରିଗାଁ,୩୧।୭(କିଶୋର ଚନ୍ଦ୍ର ମଣ୍ଡଳ)

ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ସଚିବଙ୍କୁ ସାକ୍ଷାତ କରି ଝରିଗାଁ ନିର୍ବାଚନ ମଣ୍ଡଳୀ ଅଧୀନ ଝରିଗାଁ ଏବଂ ଧୋଡ୍ରାରେ ଯୁକ୍ତ ୩ ମହାବିଦ୍ୟାଳୟ ଖୋଲାଯିବା ନେଇ ଚିଠି ସଂଖ୍ୟା ୫୯୮/୨୩ ଏବଂ ୫୯୯/୨୩ରେ ଦାବି ଉପସ୍ଥାପନ କରିଛନ୍ତି। ନବରଙ୍ଗପୁର ଜିଲାର ଆଦିବାସୀ ଅଧ୍ୟୁଷିତ ଝରିଗାଁ ବ୍ଲକରେ ଏଯାଏ ଯୁକ୍ତ ୩ ମହାବିଦ୍ୟାଳୟ ନ ଥିବାରୁ ପିଲାଙ୍କ ଉଚ୍ଚ ଶିକ୍ଷାରେ ଅନେକ ଅସୁବିଧା ହେଉଛି। ଅନେକେ ପାଠରେ ଡୋରି ବାନ୍ଧିବାକୁ ବାଧ ହେଉଛନ୍ତି। ଝରିଗାଁ


ER. PRAKASH CHANDRA MAJHI, M.L.A.
74-JHARIGAM
ODISHA LEGISLATIVE ASSEMBLY

Ref No. 598/2023 Date 31/07/2023

To
The Hon'ble Minister,
FS & CW, H.E., Co-op.,
Odisha, Bhubaneswar.

Sub: Opening of +3 Degree College at Jharigaon & Dhodra under Jharigaon Block in Jharigaon Assembly Constituency, Nabarangpur District.

Respected Sir,

I am to inform your good-office that out of total 10 Blocks in Nabarangpur District at present there no Degree College in Block of the District and Jharigaon Block is one of them, which comes under my Assembly Constituency. The population of the Block is more than 1,60,000 and most of them are tribal people. After successful completion of +2 courses, the students of this Block have to move a long distance for their +3 studies, for which most of the intermediate students of ST & SC category have to leave their studies.

Hence, I am to request you to take instruct the appropriate authority for opening of +3 Degree College at Jharigaon & Dhodra under Jharigaon Block in Jharigaon Assembly Constituency, Nabarangpur District in the interest of the general public.

With regards,

Yours sincerely,
(Prakash Chandra Majhi)
MLA, JHARIGAM

ବ୍ଲକରେ ଯୁକ୍ତ ତିନି କଲେଜ ସ୍ଥାପନ କରିବା ପାଇଁ ଏମ୍‌ପି ରମେଶ ଚନ୍ଦ୍ର ମାଝି ମଧ ବିଭାଗୀୟ ମନ୍ତ୍ରୀ ଏବଂ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରକାଶ ଯେ ୧ଲକ୍ଷ ୭୦ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ବ୍ଲକରେ ଦୀର୍ଘ ବର୍ଷ ହେଲା ଯୁକ୍ତ ୩ କଲେଜ ସ୍ଥାପନା ପାଇଁ ଦାବି ହୋଇଆସୁଛି। ଉକ୍ତ ଅଞ୍ଚଳରେ ଯୁକ୍ତ ୩ ପଢ଼ିବା ପାଇଁ କୌଣସି ସୁବିଧା ନମିଳିବାରୁ ଅନେକ ଆର୍ଥିକ ଅନଗ୍ରସର ବିଦ୍ୟାର୍ଥୀଙ୍କ ପାଠପଢ଼ାରେ ପୂର୍ଣ ଛେଦ ପଡ଼ିଥାଏ। କେତେଜଣଙ୍କ ପରିବାର ସଦସ୍ୟ ସେମାନଙ୍କୁ ବାହାରକୁ ଛାଡିବାକୁ ସୁରକ୍ଷିତ ମଣୁନାହାନ୍ତି। ତେଣୁ ସେମାନଙ୍କ ପାଠପଢ଼ା ମଧ ବନ୍ଦ। ଝରିଗାଁ ବ୍ଲକରେ ହାତଗଣତି ଛାତ୍ରୀଛାତ୍ର ଯୁକ୍ତ ୩ ପଢ଼ିବାର ସୌଭାଗ୍ୟ ଅର୍ଜନ କରିଥାନ୍ତି। ରାଜ୍ୟ ସରକାର ବିଧାୟକଙ୍କ ଦାବିକୁ ଗୁରୁତ୍ୱ ଦେଇ ଆଦିବାସୀ ଅଧ୍ୟୁଷିତ ଝରିଗାଁ ବ୍ଲକର ବିଦ୍ୟାର୍ଥୀମାନଙ୍କୁ ଉଚ୍ଚ ଶିକ୍ଷିତ କରିବା ପାଇଁ ଝରିଗାଁ ଏବଂ ଧୋଡ୍ରାରେ ଯୁକ୍ତ ୩ କଲେଜ ପ୍ରତିଷ୍ଠା ନେଇ ଯଥାଶୀଘ୍ର ପ୍ରକ୍ରିୟା ଆରମ୍ଭ କରିବାକୁ ଦାବି ହୋଇଛି।

## ଗୋଦାବରୀ ପଛୁଆ ପାଣି ବଢ଼ାଉଛି ଚିନ୍ତା



ବୃଦ୍ଧି ପାଇଥିବା ଜଳସ୍ତର ।

■ ଲଗାଣ ବର୍ଷା
■ କାଲେରୁ ପୋଲ ବୁଡି ଥିବାରୁ ଜାତୀୟ ରାଜପଥରେ ଯାତାୟାତ ବନ୍ଦ

ମାଲକାନଗିରି,୩୧।୭(ଦୁର୍ଯ୍ୟୋଧନ ପାତ୍ର)

ଗତ କିଛିଦିନ ଧରି ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା ଯୋଗୁ ଓଡିଶା, ଆନ୍ଧ୍ରପ୍ରଦେଶ ତେଲଙ୍ଗାନାରେ ଜନଜୀବନ ପ୍ରଭାବିତ ହୋଇଛି। ଗୋଦାବରୀ ନଦୀର ପଛୁଆ ପାଣି ଯୋଗୁ ଜଳସ୍ତର ବୃଦ୍ଧି ପାଇବାରୁ ସୀମାନ୍ତ ମୋଟୁଠାରୁ ରାଞ୍ଚି-ବିଜୟୱାଡା କରିଡର ୩୨୬ ନମ୍ବର ଜାତୀୟ ରାଜପଥ ଗତ ଚାରିଦିନ ଧରି ସମ୍ପର୍ଣ୍ଣ ବନ୍ଦ ରହିଛି। କୁଇଗୁରୁ ପୋଲରେ ଏବେ ବି ୪ ରୁ ୫ ଫୁଟର ଉଚ୍ଚରେ ପାଣି ପ୍ରବାହିତ ହେଉଛି। ଉଭୟ ପଟରେ ଶତାଧିକ ଗାଡି ଅଟକି ରହିଛି। ଗୋଦାବରୀରେ ୫୦ ଫୁଟର ପାଣି ପ୍ରବାହିତ ହେଉଛି, ଯାହାକି ରବିବାରରୁ ଧୀରେ ଧୀରେ ବଢିବାରେ ଲାଗିଛି। ତେବେ ବହୁତ ଯାତ୍ରୀ ହାଇଦ୍ରାବାଦ, ବିଜୟୱାଡା, ଗୁଣ୍ଟୁରରୁ ଘରେ ଫେରିବା ପାଇଁ ଛତିଶଗଡ କୁଣ୍ଟାର ନବ ନିର୍ମିତ ପୋଲରେ ଚାଲି ଚାଲି ଆସିବାର ମଧ ଦେଖିବାକୁ ମିଳିଛି।

## ଗଞ୍ଜେଇ ଜବତ, ୨ ଗିରଫ




ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ।

ମାଲକାନଗିରି, ୩୧।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ପୋଲିସ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି। ସୋମବାର ସକାଳେ ପୋଲିସ ଏସ୍‌ଆଇ. ଏସ୍.ଭୋଇ, କନଷ୍ଟେବଲ ଚିରିବୀ ସ୍ୱାଇଁ, ଲକ୍ଷ୍ମଣ ମାରାଣ୍ଡି, ଆଶିଷ ଭତ୍ରା ମାଲକନଗିରି ବ୍ଲକ ସୋରିଷମାଳ ସଦର ପଞ୍ଚାୟତ ନିକଟରେ ପାଟ୍ରୋଲିଙ୍ଗ କରୁଥିଲେ। ଉକ୍ତ ଗ୍ରାମର ଗୋବିନ୍ଦ ନମ ଓ ରାଜେନ୍ଦ୍ର ମାଟାମ ଗୋଟିଏ ବସ୍ତାରେ ଗଞ୍ଜେଇ ନେଉଥିବା ଦେଖି ପୋଲିସ ଅଟକାଇ ବସ୍ତା ଯାଞ୍ଚ କରିବାରୁ ସେଥିରେ ୨୦ କେଜି ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା। ପରେ ଗଞ୍ଜେଇ ସହ ଦୁଇଜଣଙ୍କୁ ଗିରଫ କରିଥିଲା। ସୋମବାର ୨ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୩୧।୭ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତାଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ, ଜନଶୁଣାଣି ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ବିଡିଓ ରାଜୀବ ଦାସ,ଏବିଡିଓ ମନୋଜ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍.ନିଶା, ଏପିଓ ମାନସ ରଞ୍ଜନ କର, ସରପଞ୍ଚ ବାବୁଲା ଦିସାରି, ସମିତି ସଭ୍ୟା ରାଜା ମଣ୍ଡଳ, ପିଇଓ ରମଣୀ ରଞ୍ଜନ ତ୍ରିପାଠୀ, ଜିଆରଏସ୍ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍ ହର୍ଟିକଲଚର, କୃଷି ବିଭାଗ, ଯୋଗାଣ ସହାୟକ ସହ ଅନ୍ୟ ଲାଇନର ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିରେ ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ସମସ୍ୟା ବିଷୟରେ ଜଣାଇଥିଲେ । ନୂତନ ରାସ୍ତା ଓ ଏହାର ମରାମତି, ପାନୀୟ ଜଳ ସମସ୍ୟା ସମାଧାନ ଆଦି



ପଞ୍ଚାୟତରେ ଅଭିଯୋଗ ଶୁଣାଯାଉଛି ।

ଉପରେ ଅଭିଯୋଗ କରାଯାଇଥିଲା। ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା। ଗତ ଶିବିରରେ ହୋଇଥିବା ଅଭିଯୋଗର କେତେ ସମାଧାନ ହୋଇଛି ସେ ନେଇ ଉପସ୍ଥିତ ଆଧିକାରୀମାନେ ସୂଚନା ଦେଇଥିଲେ। ଏହା ସହ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ, ମୋ ଘର ଯୋଜନାରେ କିପରି ସାମିଲ ହୋଇପାରିବେ, ବିଭିନ୍ନ ଭତ୍ତା ପାଇ କିପରି ଆବେଦନ କରିବେ ଓ କ'ଣ କ'ଣ ଦରକାର ସେ ଉପରେ ସଚେତନ କରାଯାଇଥିଲା। ଏଠାରେ ରାବଣାଗୁଡା ସିଏଚସି ତରଫରୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରାଯାଇଥିଲା।

## ୨୩ ଅଭିଯୋଗର ଶୁଣିଲେ ଜିଲାପାଳ

ଚିତ୍ରକୋଣ୍ଡା ବ୍ଲକ

ଚିତ୍ରକୋଣ୍ଡା,୩୧।୭(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଭାଗୃହରେ ଜିଲାପାଳ ବିଶାଲ ସିଂଙ୍କ ଅଧକ୍ଷତାରେ ସୋମବାର ଅଭିଯୋଗ ଶୁଣାଣି କରାଯାଇଥିଲା। ଏଥିରେ ୨୩ଟି ଅଭିଯୋଗ ଉପରେ ଆଲୋଚନା ହୋଇଥିଲା। ଶୁଣାଣି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ ଏବଂ ସମସ୍ତ ପଞ୍ଚାୟତର ସରପଞ୍ଚ ଆହାର କେନ୍ଦ୍ର ନିର୍ମାଣ, ଚିତ୍ରକୋଣ୍ଡାକୁ ସବ୍‌ଡିଭିଜନ କରିବା, ଏସ୍‌ଡିଜିଏମ୍ କୋର୍ଟ ସ୍ଥାପନ, ଉପଖଣ୍ଡ ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ କ୍ଷମତା ହସ୍ତାନ୍ତର ଏବଂ ଉପଖଣ୍ଡ ଚିକିତ୍ସାଳୟରେ ଜନ୍ମ ମୃତ୍ୟୁ ପ୍ରମାଣପତ୍ର ଦେବା ଏଥି ସହିତ ଉପାନ୍ତ ଅଞ୍ଚଳବାସୀଙ୍କ ନିମନ୍ତେ ରାସ୍ତା ଘାଟ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ନିମନ୍ତେ ଦରଖାସ୍ତ କରିଥିଲେ। ସେହିଭଳି ଉପାନ୍ତ ଅଞ୍ଚଳରେ ବିଦ୍ୟାଳୟ, ଶିକ୍ଷକ ସମସ୍ୟା ଦୂର କରିବା ଲାଗି ଆବେଦନ ହୋଇଥିଲା।




ଅଭିଯୋଗ ଶୁଣାଣି କରାଯାଉଛି ।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ, ଏସ୍‌ପି ନୀତିଶ ୱାଧେୱାନି, ଡିଆରଡିଏ ପିଡି ରତ୍ନାକର ସାହୁ, ପିଏ ଆଇଟିଡିଏ, ଏଡିଏମ ତ୍ରିନାଥ ମାଝି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ,ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ ନନ୍ଦ, ଆଡିସିନାଲ ଏସପି, ଜିଲା ମଙ୍ଗଳ ଅଧିକାରୀ, ବିଡିଓ ରଘୁନାଥ ମୁଣ୍ଡାରୀ, ତହସିଲଦାର ଟି. ପଦ୍ମନାଭ ଦୋରା,ଏସ୍‌ଡିପିଓ ଆରସେଲ କିସ୍‌ପୋଟା, ବନାଞ୍ଚଳ ଅଧିକାରୀ ବଳରାମ ନାୟକ, ଆରଡବ୍ଲୁଏସ୍‌ଏସ୍ ବିଭାଗୀୟ ଅଧିକାରୀ,ଡିଏସ୍‌ଡବ୍ଲୁଓ, ପ୍ରାଣୀ ଚିକିତ୍ସା ଅଧିକାରୀ,ବିଦ୍ୟୁତ୍ ତଥା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ ସମସ୍ତ ଜିଲାସ୍ତରୀୟ ମୁଖ୍ୟ ଅଧିକାରୀଙ୍କୁ ନେଇ ଅଭିଯୋଗ ଶୁଣାଣି ହୋଇଥିଲା ।

## ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ମାଲକାନଗିର,୩୧।୭(ଦୁର୍ଯ୍ୟୋଧନ ପାତ୍ର)

ଚଳିତ ବର୍ଷ ଜିଲାସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଡିଏନ୍‌କେ ଖେଳ ପଡିଆରେ ପାଳନ ହେବ। ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାଏକଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ ଓ ଉପଜିଲାପାଳ ଡ.ଅକ୍ଷୟ କୁମାର ଖେମୁଣ୍ଡୁ ମଞ୍ଚାସୀନ ଥିଲେ। ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ଅବସରରେ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ



ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଉଛି ।

କରିବେ। ସମସ୍ତ ଛାତ୍ରୀଛାତ୍ର ପରେଡରେ ଅଂଶଗ୍ରହଣ କରିବେ। ଏଥି ଲାଗି ଅଗଷ୍ଟ ୧୧, ୧୨ ଓ ୧୩ ତାରିଖରେ ପରେଡ୍ ଅଭ୍ୟାସ ଡିଏନ୍‌କେ ଖେଳ ପଡିଆରେ ଅନୁଷ୍ଠିତ ହେବ।

ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସକାଳ ୪.୩୦ରେ ସହରରେ ରାମଧୂନ ପରିବେଷଣ କରାଯିବ। ପୂର୍ବାହ୍ନ ୯ ଟା ୧୫ଣ୍‌ରେ ଡିଏନ୍‌କେ ଖେଳପଡିଆରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରି ସମବେତ ପରେଡରେ ଅଭିବାଦନ ଗ୍ରହଣ କରିବେ । ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସମସ୍ତ ସରକାରୀ, ବେସରକାରୀ ଓ ଶିକ୍ଷାନୁଷ୍ଠାନ ଗୁଡିକରେ ଉକ୍ତ ଦିନ ସକାଳ ୭.୩୦ରେ ଜାତୀୟ ପତାକା ଉତ୍ତୋଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ ବୈଠକରେ ପୋଲିସ ସରଜେଣ୍ଟ ଜ୍ୟୋତି କୁମାର କିରୋ, ଜିଲା ସୂଚାନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକକ ଶିକ୍ଷୟିତ୍ରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଭତ୍ତା ଟଙ୍କା ବିଷୟରେ ଜାଣି ନ ପାରି ହିତାଧିକାରୀ ହଇରାଣ

ରାୟଗଡା,୩୧।୭ (ଭାଗ୍ୟଶ୍ରୀ ମିଶ୍ର)

ରାଜ୍ୟ ସରକାରଙ୍କ ତରଫରୁ ଦିଆଯାଉଥିବା ମଧୁ ବାବୁ ଭତ୍ତା ଟଙ୍କା ପାଇଁ ରାୟଗଡ଼ା ଜିଲାର ହିତାଧିକାରୀମାନେ ସବୁବେଳେ ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ସରକାରଙ୍କ ପକ୍ଷରୁ ଅନେକ ସମୟରେ ବିଭିନ୍ନ ନିୟମ ପରିବର୍ତ୍ତନ କରାଯାଉଥିଲେ ମଧ୍ୟ ବ୍ଲକ୍ କିମ୍ବା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କୁ ସଚେତନ କରାଯାଉ ନ ଥିବାରୁ କେତେବେଳେ କେଉଁଠିକି ଭତ୍ତା ଟଙ୍କା ଆସୁଛି ତାହା ହିତାଧିକାରୀମାନେ ଜାଣି ପାରୁନାହାନ୍ତି। ଫଳରେ କେତେବେଳେ ବ୍ଲକ୍ କାର୍ଯ୍ୟାଳୟକୁ ଆସି ଫେରିକି ଯାଉଛନ୍ତି ତ ପୁଣି କେତେବେଳେ ପୋଷ୍ଟ ଅଫିସକୁ ଆସି ଟଙ୍କା ନ ପାଇ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି।

ରାୟଗଡା ଜିଲା ଏକ ଆଦିବାସୀ ବହୁଳ ବା ପଛୁଆ ଅଞ୍ଚଳ ଭାବେ ପରିଚିତ। ପୂର୍ବରୁ ଭତ୍ତା ଟଙ୍କା ହିତାଧିକାରୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରତ୍ୟେକ୍ଷ ଭାବେ ପ୍ରଦାନ କରାଯାଥିଲା। ହେଲେ ଏବେ ସରକାରଙ୍କ ଡିଜିଟାଲାଇଜେସନର ନୂଆ ନିୟମ ଯୋଗୁ ଭତ୍ତା ପାଇଁ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର କାର୍ଡ ଲିଙ୍କ ଜରୁରୀ ହୋଇପଡ଼ିଛି। ଜିଲାରେ ଏବେ ବି ଅନେକ ବୃଦ୍ଧାବୃଦ୍ଧଙ୍କର ଆଧାରକାର୍ଡ ନ ଥିବାବେଳେ କିଛି ବୟସ୍କଙ୍କ ଆଧାରକାର୍ଡରେ ନାମ, ବୟସ ତ୍ରୁଟି ରହିଛି। ଫଳରେ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ସହ ଆଧାରକାର୍ଡ ତଥ୍ୟ ମ୍ୟାଚ୍ ନ ହେବାରୁ ଲିଙ୍କ୍ ହୋଇପାରୁ ନାହିଁ। ଏପରିକି ଜିଲାର ଅନେକ ବୃଦ୍ଧାବୃଦ୍ଧ ରହିଛନ୍ତି, ଯେଉଁମାନଙ୍କର ନିଜର କେତୋଟି ବ୍ୟାଙ୍କ ଆକାଉଣ୍ଟ ରହିଛି ସେମାନେ ନିଜେ ମଧ୍ୟ ଜାଣିନାହାନ୍ତି । ଏପରି କ୍ଷେତ୍ରରେ ଗ୍ରାମାଞ୍ଚଳରେ ଭତ୍ତା ଟଙ୍କା ପାଇବାକୁ ଲୋକେ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଯାଇ ନିରାଶ ହୋଇ ଫେରୁଛନ୍ତି। ପଞ୍ଚାୟତସ୍ତରରେ ପ୍ରତି ଶୁକ୍ରବାର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ୱାର୍ଡ ବୈଠକ କରାଯିବା କଥା। ଯେଉଁଠି ସରପଞ୍ଚ ଏବଂ ହିତାଧିକାରୀଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ସଚେତନ କରାଯିବା ସହ ଭତ୍ତାର ମୋଡ଼ ଅଫ ପେମେଣ୍ଟ ବିଷୟରେ ବୁଝାଇବାର

### ନିୟମ ପରିବର୍ତ୍ତନ ହେଲେ ବି କରାଯାଉନି ସଚେତନ

ନିୟମ ରହିଛି। ହେଲେ ରାୟଗଡ଼ା ବ୍ଲକ୍‌ରେ ଏହା ଠିକରେ କାର୍ଯ୍ୟକ୍ଷମ କରାଯାଉ ନ ଥିବା ଜେକେପୁର ଏସପିଟି କଲୋନୀର ଜଣେ ୭୦ ବର୍ଷୀୟା ହିତାଧିକାରୀ ଝଜା ବାଗ କହିଛନ୍ତି।

ରାୟଗଡା ବ୍ଲକ୍‌ରେ ମଧୁ ବାବୁ ପେନ୍‌ସନ ଯୋଜନାରେ ଗତ ନଭେମ୍ବର ୨୦୨୨ରୁ ହିତାଧିକାରୀ ପ୍ରଦାନ କରିଥିବା ଆକାଉଣ୍ଟ ନମ୍ବରକୁ ସିଧାସଳଖ ଭତା ଟଙ୍କା ଯାଉଥିଲା। ହେଲେ ଅନେକ ଅଯୋଗ୍ୟ ହିତାଧିକାରୀ ଏହାର ଲାଭ ନେଉଥିବା ଜଣାପଡ଼ିବା ପରେ ନିୟମ ପରିବର୍ତ୍ତନ କରାଯାଇ ଗତ ମାର୍ଚ୍ଚରୁ ଡିବିଟି ମାଧ୍ୟମରେ ଆଧାର କାର୍ଡ ସହ ଯେଉଁ ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍ ଥିବ ସେହି ଆକାଉଣ୍ଟକୁ ଭତ୍ତା ଟଙ୍କା ପ୍ରଦାନ କରାଯାଉଛି। ତେଣୁ ଆଜି ବି ବ୍ୟାଙ୍କ ଆକାଉଣ୍ଟ ଏବଂ ଆଧାର କାର୍ଡ ଲିଙ୍କ ନ ହେବା କାରଣରୁ ଅନେକ ହିତାଧିକାରୀ ଟଙ୍କା ପାଇବାରୁ ବଞ୍ଚିତ ହେଉଛନ୍ତି । ରାୟଗଡା ବ୍ଲକର ୨୮ଟି ପଞ୍ଚାୟତରେ ମୋଟ ୮୬୨୨ ଜଣ ମଧୁ ବାବୁ ପେନସନ ହିତାଧିକାରୀ ରହିଥିବା ବେଳେ ସେଥିମଧ୍ୟରୁ ମାତ୍ର ୫୦୩୨ ଜଣଙ୍କର ଆଧାର କାର୍ଡ ବ୍ୟାଙ୍କ୍ ଆକାଉଣ୍ଟ ସହ ଲିଙ୍କ ହୋଇଛି । ଅବଶିଷ୍ଟ ୩୫୯୦ ଜଣଙ୍କର ଆଜି ସୁଦ୍ଧା ବ୍ୟାଙ୍କ ସହ ଆଧାରକାର୍ଡ ଲିଙ୍କ ହୋଇ ନାହିଁ । ସେହିପରି ୧୩୧ ଜଣଙ୍କର ଆଧାର କାର୍ଡ ହିଁ ନାହିଁ। ଭତା ଟଙ୍କା ପାଇବାକୁ ହେଲେ ଆଧାର କାର୍ଡ ଲିଙ୍କ ଜରୁରୀ ହୋଇପଡିଥିବାରୁ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇପାରନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଧରିଛି। ଆଧାର ଲିଙ୍କ ନ ହୋଇଥିଲେ ସୁଦ୍ଧା ଆମେ ହିତାଧିକାରୀ ଚିହ୍ନଟ କରି ଭତ୍ତା ପ୍ରଦାନ କରୁଛୁ ବୋଲି ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ପିତାମହଲ ଗ୍ରାମର ଅନ୍ୟ ହିତାଧିକାରୀ ପ୍ରସନ୍ନ କୁମାର ତ୍ରିପାଠୀ (୬୫) କହିଛନ୍ତି, ଯଦି ବି ସରକାର ନିୟମ ପରିବର୍ତ୍ତନ କରୁଛନ୍ତି, ସମସ୍ତଙ୍କର ଆଧାର କାର୍ଡ ଏବଂ ଏହାର ତ୍ରୁଟିକୁ ଭତ୍ତା ବିଭାଗରେ ସଂଶୋଧନ କରାଗଲେ ହିତାଧିକାରୀ ହଇରାଣ ହେବେ ନାହିଁ ବୋଲି କହିଛନ୍ତି। ଏନେଇ ରାୟଗଡା ବିଡ଼ିଓ ଲକ୍ଷ୍ମୀ ନାରାୟଣ ସାବତ କହିଛନ୍ତି, ହାତରେ ହେଉ କିମ୍ବା ଆକାଉଣ୍ଟରେ ଭତ୍ତା ଦିଆଗଲେ ସୁଦ୍ଧା ଆଧାର କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟ ନିହାତି ଜରୁରୀ। ଯେପରି ସମସ୍ତ ହିତାଧିକାରୀ ବ୍ୟାଙ୍କ ଆକାଉଣ୍ଟ ଖୋଲିବେ ଏବଂ ଯାହାର ଆଧାର କାର୍ଡ ନାହିଁ ସେମାନଙ୍କର ଆଧାର କାର୍ଡ କରାଯିବାକୁ ଆମେ ଚେଷ୍ଟା କରୁଛୁ । ଲୋକେ ସଚେତନ ନାହାନ୍ତି ତେଣୁ ଜଣଙ୍କର ଅନେକ ଆକାଉଣ୍ଟ ରହୁଥିବାବେଳେ ଅନ୍ୟ କାହାର ଜମା ଆକାଉଣ୍ଟ ନାହିଁ। ଏସବୁ ଆମେ ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ନେବୁ ବୋଲି ବିଡିଓ କହିଛନ୍ତି। । ଗ୍ରାମାଞ୍ଚଳରେ ହିତାଧିକାରୀ କିପରି ସୁବିଧାରେ ଭତ୍ତା ପାଇପାରିବେ, ସମସ୍ତଙ୍କର ବ୍ୟାଙ୍କ ଆକାଉଣ୍ଟ ସହ ଆଧାର କାର୍ଡ ଲିଙ୍କ୍ ହେବ ସେ ନେଇ ବିଭଗୀୟ ଅଧିକାରୀ ଗୁରୁତ୍ୱ ଦେବାକୁ ଅନୁସୂଚିତ ଜାତି ଜନ ଜାତି, ସଂଖ୍ୟା ଲଘୁ ସମ୍ପ୍ରଦାୟ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି ।

## ସଂକ୍ଷେପରେ

### ତମାଖୁମୁକ୍ତ ଯୁବ ସଂସ୍କାର କାର୍ଯ୍ୟକ୍ରମ



ରାୟଗଡା,୩୧।୭ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର କନଫରେନ୍ସ ହଲରେ ସୋମବାର ଯୁବ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ପରିଷଦ ଜାତୀୟ ସେବା ସଂସ୍ଥା ଓ ମହା ବିଦ୍ୟାଳୟର ଯୁବ ସଂସ୍କାର ମଞ୍ଚର ମିଳିତ ଆନୁକୂଲ୍ୟରେ ତମାଖୁମୁକ୍ତ ଯୁବ ଅଭିଯାନ କାର୍ଯ୍ୟକ୍ରମ ହୋଇଥିଲା। ରାୟଗଡା ଜିଲା ସ୍ୱାସ୍ଥ୍ୟ ପରିଷଦ ତରଫରୁ ଡ଼ ଭିଏଲଏନ ରାଜୁ, ଡ. ମମତା ସାହୁ, ଡ଼. ମମତା ଚୌଧୁରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ତମାଖୁ ବ୍ୟବହାରର କ୍ଷତିକାରକ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ରାୟଗଡା ମହାବିଦ୍ୟାଳୟକୁ ତମାଖୁମୁକ୍ତ ଅନୁଷ୍ଠାନ ଭାବେ ଗଢି ତୋଳିବାକୁ ସଂକଳ୍ପ ନେଇଥିଲେ ଛାତ୍ରୀଛାତ୍ର। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ ବବିଲତା ସରଙ୍ଗଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଯୁବ ସଂସ୍କାର ସଂଯୋଜିକା ସରସ୍ୱତୀ ରାୟ ପରିଚାଳନା କରିଥିଲେ।

### ବିଜେଡି କର୍ମିକର୍ତ୍ତାଙ୍କ ଚାରାରୋପଣ



ଟିକିରି, ୩୧।୭
(ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ବିଜୁ ଯୁବ ଜନତା ଦଳ ତରଫରୁ ଜିଲା ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ହରପ୍ରସାଦ ନାୟକ ଏବଂ ଜଲା ଯୁବ ବିଜେଡି ଉପ ସଭାପତି ଅମିତ ନାୟକଙ୍କ ନେତୃତ୍ୱରେ ଚାରାରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଟିକିରି ସରକାରୀ ଉଚ୍ଚ ବିଦ୍ୟାଳୟ, ଜାମୁଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଟିକିରି ଜାମୁଗୁଡ଼ାସ୍ଥିତ ଶ୍ମଶାନ ଏବଂ କାଶୀପୁର ମା' ମାଣିକେଶ୍ୱରୀ ଆଦିବାସୀ କଲେଜଠାରେ ୧୦୦ରୁ ଅଧିକ ଚାରାରୋପଣ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଯୁବ ନେତା ବିଷ୍ଣୁ ପ୍ରସାଦ ପାତ୍ର, ଟୁନା ଦଣ୍ଡସେନା, ଭୀଷ୍ମ ନାଏକ, ସିତୁନ ମାଝୀ, ଲାଛି ମାଝୀ, ଜଗା ମାଝୀ, ଟୁଲୁ ସାହୁଙ୍କ ସହ ବିଜୁ ଜନତା ଦଳର ଅନ୍ୟ ଯୁବ କର୍ମୀ ଉପସ୍ଥିତ ରହି ଚାରା ରୋପଣ କରଥିଲେ।

### ଟ୍ରାକ୍ଟର ଓଲଟି ମାଲିକଙ୍କ ମୃତ୍ୟୁ

ଭଞ୍ଜନଗର,୩୧।୭(ବାବୁଲା ପ୍ରଧାନ)

ତାରାସିଂ ଥାନା ଅନ୍ତର୍ଗତ ଟାଙ୍ଗଣରେ ରବିବାର ରାତିରେ ଏକ ଟ୍ରାକ୍ଟର ଓଲଟି ପଡିବାରୁ ମାଲିକ ଧୋବା ସାହୁ (୩୩)ଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହକୁ ଜବତ କରିଥିଲା। ସୋମବାର ଭଞ୍ଜନଗର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ.୨୫୩/୨୩ରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଧୋବା ରବିବାର ସନ୍ଧ୍ୟାରେ ନିଜ ଜମିକୁ ଟ୍ରାକ୍ଟର ନେଇ ଚାଷ କରିଥିଲେ। ରାତି ପ୍ରାୟ ସାଢେ ୧୦ଟାରେ ଟ୍ରାକ୍ଟରଟି ଓଲଟି ପଡିଥିଲା। ଫଳରେ ଟ୍ରାକ୍ଟର ତଳେ ଧୋବା ଚାପି ହୋଇଯାଇଥିଲେ।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ମନ୍ତ୍ରୀ

### ବର୍ଷା ଯୋଗୁ ଆସି ପାରିଲେନି ବହୁ ହିତାଧିକାରୀ

ରାୟଗଡା,୩୧।୭ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ମଧୁ ବାବୁ ପେନସନ୍ ଯୋଜନାରେ ସୋମବାର ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ରାୟଗଡ଼ା ବ୍ଲକ କାର୍ଯ୍ୟାଳୟଠାରେ ମୋଟ ୨୦ ପଞ୍ଚାୟତର ୯୦ ହିତାଧିକାରୀକାରୀଙ୍କୁ ଚୟନ କରାଯାଇ ଭତ୍ତା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି ଜନ ଜାତି, ସଂଖ୍ୟା ଲଘୁ ସମ୍ପ୍ରଦାୟ ବିଭାଗୀୟ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତ ବଣ୍ଟନ କରିଥିଲେ। ମାସକୁ ୫୦୦ ଟଙ୍କା ହିସାବରେ ୨ ମାସର ୧୦୦୦ ଟଙ୍କା ପ୍ରଦାନ କରାଯାଇଛି। ହେଲେ ବର୍ଷା ଯୋଗୁ ମାତ୍ର ୨୫ ରୁ ୩୦ ଜଣ ହିତାଧିକାରୀ ଆସିଥିବା ଦେଖିବାକୁ ମିଳିଛି।

କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମନ୍ତ୍ରୀ ସାରକା ଉଦ୍‌ବୋଧନ ଦେଇ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ ଯୋଜନା କାର୍ଯ୍ୟକାରୀ କରିବାକୁ ପଞ୍ଚାୟତ ସ୍ତରରୁ ରାଜ୍ୟ ପର୍ଯ୍ୟନ୍ତ ପ୍ରତିନିଧି ରହିଛନ୍ତି । ସମସ୍ତେ ମିଶି କାର୍ଯ୍ୟ କଲେ ଯୋଜନାର ସଫଳ ରୂପାୟନ ହୋଇପାରିବ। ଏହାସହ ବୃଦ୍ଧାବୃଦ୍ଧ ଯେପରି ଭତ୍ତା ପାଇବାକୁ ହଇରାଣ ନ ହୁଅନ୍ତି ସେଥିପ୍ରତି ବିଭାଗୀୟ ଅଧିକାରୀ ଧ୍ୟାନ ଦେବା ଉଚିତ ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ବ୍ଲକ ଉପାଧ୍ୟକ୍ଷ ହର ପ୍ରସାଦ ହେପୃକା,ଏବିଡିଓ କାଳୁ ଚରଣ ନାୟକ, ବିଡ଼ିଓ ଲକ୍ଷ୍ମୀ ନାରାୟଣ ସାବତ ପ୍ରମୁଖ ମଞ୍ଚାସୀନ ଥିଲେ। ସବୁ ଜିନିଷର ଦାମ୍ ବୃଦ୍ଧି ପାଉଥିବାବେଳେ ସରକାରଙ୍କ ୫୦୦ ଟଙ୍କା ଭତ୍ତା ହିତାଧିକାରୀଙ୍କୁ ନିଅଣ୍ଟ ହେଉଥିବାରୁ, ସରକାର ଅନ୍ୟ ରାଜ୍ୟ ପରି ଭତ୍ତା ଟଙ୍କା ବୃଦ୍ଧି କରିବାକୁ ଦାବି କରାଯାଇଛି ।



ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି ।

## ସମସ୍ୟାର ତ୍ୱରିତ ସମାଧାନ ଲାଗି ଜିଲାପାଳଙ୍କ ନିର୍ଦ୍ଦେଶ

### କଟିକଣା ପଞ୍ଚାୟତରେ ଯୁଗ୍ମ ଅଭିଯୋଗ ଶୁଣାଣି

କୋଲାନାରା,୩୧।୭(ମାନସ ରଞ୍ଜନ ମିଶ୍ର )

ରାୟଗଡା ଜିଲା ପ୍ରଶାସନ ତରଫରୁ କୋଲନାରା ବ୍ଲକ କଟିକଣା ପଞ୍ଚାୟତ ସଦର ମହକୁମାସ୍ଥିତ ପଞ୍ଚାୟତ ସଭାଗୃହଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲାପାଳ ସ୍ୱଧା ଦେବ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଉପ ଜିଲାପାଳ ଭୀମସେନ ଶବର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ପରିଷଦ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ, ରାୟଗଡ ଆଦିବାସୀ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ପ୍ରଶାସକ ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଜିଲାପାଳ ମୋଟ ୩୨ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ଅଭିଯୋଗ ଥିଲାବେଳେ ୮ଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ଥିଲା। ଉକ୍ତ ସମସ୍ୟାର ତ୍ୱରିତ ସମାଧାନ ଲାଗି ଜିଲାପାଳ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ କୋଲନରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ, ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ, ଚାନ୍ଦିଲି ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗରେ ବିଶେଷ କରି ରାସ୍ତା, ପାନୀୟ ଜଳ, ବିଦ୍ୟୁତିକରଣ ଆଦି ନିମନ୍ତେ ଦରଖାସ୍ତ ଆସିଥିବା ଜଣାପଡିଛି । କଟିକଣା ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଯୋଗାଣ ସହାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ଜିଲାପାଳ ଜଣେ ହିତାଧିକାରୀଙ୍କୁ ସହାୟତା ରାଶି ଚେକ୍ ପ୍ରଦାନ କରୁଛନ୍ତି।

## ଲଗାଣ ବର୍ଷାରେ ଭୁଶୁଡିଲା କାନ୍ଥ, ଯୁବକ ଗୁରୁତର

ପଦ୍ମପୁର,୩୧।୭ (ପ୍ରଶାନ୍ତ କର)

ଲଗାଣ ବର୍ଷା ଯୋଗୁ ପଦ୍ମପୁର ବ୍ଲକ ଅନ୍ତର୍ଗତ ଡେରିଗା ପଞ୍ଚାୟତର ଜଇପାଙ୍ଗା ଗ୍ରାମରେ ମାଟି କାନ୍ଥ ଭୁଶୁଡି ଜଣେ ବ୍ୟକ୍ତିଙ୍କ ଉପରେ ପଡ଼ିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ଜଇପାଙ୍ଗା ଗ୍ରାମର ଆତାୟ ପାଲକା (୫୫ବର୍ଷ )। ସ୍ଥାନୀୟ ଲୋକେ ପଦ୍ମପୁର ମେଡିକାଲକୁ ନେଇଥିବାବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଡାକ୍ତର ତାଙ୍କୁ ଗୁଣପୁର ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ସୂଚନାଯୋଗ୍ୟ, ଲଗାଣ ବର୍ଷା ଯୋଗୁ ଜଇପାଙ୍ଗା ଗ୍ରାମର ଆତାୟଙ୍କ ମାଟି ଘରେ ପାଣି ପଶି ଯାଇଥିଲା। ଫଳରେ ଆସବାବପତ୍ର ଓ ଚାଉଳ ଓଦା ହୋଇଯିବାରୁ



ସେ ଘରୁ ସମସ୍ତ ଜିନିଷ ବାହାର କରିବା ସମୟରେ କାନ୍ଥ ଭୁଶୁଡି ପଡ଼ିବାରୁ ସେ କାନ୍ଥ ତଳେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପଦ୍ମପୁର ମେଡିକାଲକୁ ନେଇଥିଲେ। ପଦ୍ମପୁର ଡାକ୍ତର ଶୁଭମ ଦାଶ ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଗୁଣପୁର ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ବର୍ତ୍ତମାନ ତାଙ୍କ ସାସ୍ଥ୍ୟବସ୍ଥା ଠିକ୍ ଥିବାବେଳେ ମୁଣ୍ଡର ସିଟି ସ୍କାନ କରାଯିବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ତେବେ ଆହତ ଯୁବକଙ୍କୁ ସରକାରୀ ସହାୟତା ପାଇଁ ସଂପୃକ୍ତ ବ୍ୟକ୍ତିଙ୍କ ସ୍ତ୍ରୀ ଲକ୍ଷ୍ମୀ ପାଲକା ନିବେଦନ କରିଛନ୍ତି।

### ମୃତକଙ୍କ ପରିବାରକୁ ସହାୟତା

କୋରାପୁଟ,୩୧।୭(ଅମିତାଭ ବେହେରା)

ବାହୁଡାଯାତ୍ରା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ବାବୁଲା ନାୟକଙ୍କ ପରିବାରକୁ ସୋମବାର ଜିଲା ପ୍ରଶାସନ ପକ୍ଷର ସହାୟତା ଦିଆଯାଇଛି। କୋରାପୁଟ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ସୋମବାର ବାବୁଲାଙ୍କ ଭଉଣୀ ଶ୍ରଦ୍ଧାଞ୍ଜଳି ନାୟକଙ୍କୁ ୩ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଛନ୍ତି।

## ଛୁରିରେ ନିଜ ବେକ କାଟିଲେ ଯୁବକ

କୋରାପୁଟ,୩୧।୭(ଅମିତାଭ ବେହେରା)

କୋରାପୁଟ ବ୍ଲକର କୁଡୁମୁଲୁ ଗ୍ରାମର ଜଣେ ଯୁବକ ଛୁରିରେ ନିଜ ବେକ କାଟି ଦେଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲରେ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। କୋରାପୁଟ ବ୍ଲକ ଅଧୀନ ମାଥାଲପୁଟ ପଞ୍ଚାୟତ କୁଡୁମୁଲୁ ଗ୍ରାମର ଡମ୍ବୁ ଜାନୀ(୩୨) ନିଜ ବେକକୁ କାଟି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ମାଥାଲପୁଟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ବେକରେ ୩ ଟି ଷ୍ଟିଚ ପକାଯାଇଥିଲା। ଡମ୍ବୁଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। ଡମ୍ବୁ କେଉଁ କାରଣରୁ ଏପରି ପଦକ୍ଷେପ ନେଲେ ତାହା ଏବେ ଯାଏ ସ୍ପଷ୍ଟ ହୋଇନାହିଁ। ସେ କିଛି ଦିନ ହେଲା ମାନସିକ ଅସ୍ଥିରତା ମଧ୍ୟରେ ରହୁଥିବା ଗ୍ରାମବାସୀଙ୍କଠାରୁ ଜଣାଯାଇଛି।

## ରବୀନ୍ଦ୍ର, ଜାହ୍ନବୀଙ୍କ ସଫଳତା

### ଓଏଏସ୍ ପରୀକ୍ଷା

ଗୁଣପୁର,୩୧।୭
(ପ୍ରଦୀପ କୁମାର ପାଢ଼ୀ)



ରବୀନ୍ଦ୍ର ପାଲକ



ଜାହ୍ନବୀ ଶବର

ଓଡିଶା ସିଭିଲ ସର୍ଭିସ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ରାୟଗଡା ଜିଲା ଗୁଣପୁର ଅଞ୍ଚଳର ୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗୁଣପୁର ବ୍ଲକର ଚାଲକମ୍ବା ଗ୍ରାମର ଜାହ୍ନବୀ ଶବର ଏବଂ ଅନ୍ୟ ଜଣେ ରାମନାଗୁଡା ବ୍ଲକ ଗୁମୁଡା ଅଞ୍ଚଳର ରବୀନ୍ଦ୍ର ପାଲକା। ଉଭୟ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାରୁ ସେମାନଙ୍କୁ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ୨୦୨୧ ବ୍ୟାଚ୍ ଓଏଏସ୍ ଅଫିସର ଭାବେ ଦୁହେଁ ଚୟନ ହୋଇଛନ୍ତି। ରବୀନ୍ଦ୍ର ୩୪୯ ସ୍ଥାନରେ ରହିଥିବାବେଳେ ଜାହ୍ନବୀ ୩୬୨ ନମ୍ବର ସ୍ଥାନରେ ରହିଛନ୍ତି। ରବୀନ୍ଦ୍ର ବର୍ତ୍ତମାନ ନବରଙ୍ଗପୁର ଜିଲାର ଜିଲା ମଙ୍ଗଳ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ଜାହ୍ନବୀ ଗୁଣପୁର ବ୍ଲକରେ ସହକାରୀ କୃଷି ଅଧିକାରୀ ଭାବେ ଗତ କିଛି ଦିନ ତଳେ କାର୍ଯ୍ୟଭାର ଗ୍ରହଣ କରିଥିଲେ।

## ଜିଆଇଇଟିରେ ରକ୍ତଦାନ ଶିବିର, ୭୦ ୟୁନିଟ ସଂଗ୍ରହ



ଜଣେ ଛାତ୍ରୀ ରକ୍ତଦାନ କରୁଛନ୍ତି।

ଗୁଣପୁର, ୩୧।୭
(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଜି ଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କଲେଜ ପରିସରରେ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ୭୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶିବିରକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏ ଭି ଏନ. ଏଲ. ଶର୍ମା, ରେଜିଷ୍ଟ୍ରାର ଡ ଏନ.ଭି. ଜେ. ରାଓ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ଼. ପ୍ରେମାଂଶୁ ଶେଖର ରଥ, ଡ ଏସ. ଏସ. ପାଢ଼ୀ, ଅଧ୍ୟାପକ ବାଣୀ ପ୍ରସାଦ ନାୟକ, ପ୍ରମୋଦ ରଞ୍ଜନ ପଣ୍ଡା, ଗୋପାଳ କୃଷ୍ଣ ମହାନ୍ତି, ସିଦ୍ଧାର୍ଥ ପ୍ରୀତମ, କୃଷ୍ଣ ପ୍ରସାଦ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଗୁଣୁପୁର ରକ୍ତ ଭଣ୍ଡାରର ଡାକ୍ତର ସୁଜାତା ଦେବୀ,ଟେକ୍ନିସିୟାନ ରାକେଶ କୁମାର ପଣ୍ଡା, ସୁରୁଚି ପାତ୍ର, ରୋଜି ନାୟକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇ ରକ୍ତଦାନ କରିଥିଲେ।

## ଦୋକାନ ଘରେ ପଶୁଛି ବର୍ଷା ପାଣି

ମୁନିଗୁଡ଼ା,୩୧।୭ (ରାଧେଶ୍ୟାମ ଅଗ୍ରୱାଲ)

ପୂର୍ତ୍ତ ବିଭାଗ ପକ୍ଷରୁ ଗତ ୫ ମାସ ତଳେ ମୁନିଗୁଡ଼ା ମୁଖ୍ୟ ରାସ୍ତା ମରାମତି କରାଯାଇଥିଲା। ରାସ୍ତା କାମ ସରିଲା ପରେ ରାସ୍ତାର ଦୁଇ ପାର୍ଶରେରେ କଂକ୍ରିଟ୍ କରାଯିବ ବୋଲି ପୂର୍ତ୍ତ ବିଭାଗୀୟ ଅଧିକାରୀ ବଣିକ ସଂଘ ଓ ବିକାଶ ପରିଷଦକୁ ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତି ପର୍ଯ୍ୟାୟରେ ବିଭାଗୀୟ ଅଧିକାରୀ ରାସ୍ତାର ଉଭୟ ପାର୍ଶ୍ୱରେ ମଝିରେ ମଝିରେ କଂକ୍ରିଟ୍ କରି ଡ୍ରେନକୁ ବର୍ଷା ଜଳ ଯିବା ପାଇଁ ବ୍ୟବସ୍ଥା କରିଥିବା ବେଳେ ଆଉ କିଛି ସ୍ଥାନରେ ପକ୍କା ନ କରି ଛାଡ଼ି ଦେଇଥିବା ଦେଖିବାକୁ ମିଳିଛି। ହେଲେ ଯେଉଁ ସବୁ ସ୍ଥାନରେ କାର୍ଯ୍ୟ କରାଯାଇନାହିଁ ସେଠାରେ ବର୍ଷା ଜଳ ଡ୍ରେନ ଭିତରକୁ ପ୍ରବେଶ କରି ନ ପାରି ରାସ୍ତା କଡ ଦୋକାନ ଘରେ ପଶୁ ଥିବା ଅଭିଯୋଗ ହେଉଛି। ଅଧପନ୍ତରିଆ ଭାବେ କାମ ପଡ଼ିଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ପଚାରିବାରୁ ଉକ୍ତ କାର୍ଯ୍ୟ ସକାଶେ ଟଙ୍କା ନାହିଁ, ଟଙ୍କା ଆସିଲେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ଅପରପକ୍ଷରେ ଦୋକାନ ସମ୍ମୁଖରେ ପାଣି ଜମି ରହିଥିବାରୁ କେତେକ ଦୋକାନୀ ମାଟି ପକାଇ ଦେବାରୁ ରାସ୍ତାରେ ପାଣି ଜମି ରହୁଛି। ରାସ୍ତା ଉପରେ ପାଣି ଜମି ରହୁଥିବାରୁ ରାସ୍ତାର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ ଆରମ୍ଭ ନିମନ୍ତେ ଜନସାଧାରଣରେ ଦାବି ହେଉଛି।




ରାସ୍ତା କଡ଼ରେ ଜମି ରହିଥିବା ବର୍ଷାପାଣି।

## ପୁରୁଣା କୋର କମିଟିର ନିଷ୍ପତ୍ତିକୁ ବିରୋଧ

### ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ କ୍ରୀଡାବିତ୍

ରାୟଗଡା,୩୧।୭ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲା ଆଥଲେଟିକ ଆସୋସିଏଶନ ନିର୍ବାଚନ ପାଇଁ ହୋଇଥିବା କୋର୍ କମିଟି ବୈଠକର ନିଷ୍ପତ୍ତିକୁ ବିରୋଧ କରି ରାୟଗଡାର ଜଣେ କ୍ରୀଡାବିତ ବାଡ଼ିଙ୍ଗି ଚାଣ୍ଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହି ମାମଲାର ଶୁଣାଣି କରି ହାଇକୋର୍ଟ ରାୟ ଦେଇଛନ୍ତି ଯେ, ପୂର୍ବରୁ କରାଯାଇଥିବା କୋର୍ କମିଟି ବୈଠକ ରଦ୍ଦ କରି ନୂତନ ଭାବେ କୋର୍ କମିଟି ଗଠନ କରାଯିବାକୁ କୁହାଯାଇଛି। ନୂତନ ଭାବେ ୧ ମାସ ମଧ୍ୟରେ ନିର୍ବାଚନ କରି ଫଳାଫଳ ପ୍ରକାଶ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଜିଲାପାଳ ସ୍ୱଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଗତ ଜୁନ୍ ୩ ତାରିଖରେ କୋର କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ଜିଲା କ୍ରୀଡା ଅଧିକାରୀ ଶେଖ୍ ଅଲିନୁରଙ୍କ ସମେତ ଅନେକ କ୍ରୀଡାବିତ ଉପସ୍ଥିତ ଥିଲେ । ସେଥିରେ କ୍ରୀଡାର ପୁରୁଣା ବାଇଲକୁ ରଖା ନ ଯାଇ ନୂତନ ଭାବେ ବାଇଲ ପରିବର୍ତ୍ତନ କରାଯାଇଛି । ଯେଉଁଥିରେ ଶିକ୍ଷାଗତ ଯୋଗ୍ୟତା, ସଦସ୍ୟତା ଫି, କ୍ରୀଡାର ଯୋଗ୍ୟତାକୁ ନେଇ ପରିବର୍ତ୍ତନ କରାଯାଇଛି। ସଂଘରେ ସଦସ୍ୟତା ଗ୍ରହଣ କରିବାକୁ ହେଲେ ପୂର୍ବରୁ ୧୦ମ ପାସ ଥିଲା, ଯାହା ଏବେ ପରିବର୍ତ୍ତନ କରାଯାଇ +୨ ରଖା ଯାଇଛି। ସେହିପରି ୩ ଥର ଷ୍ଟେଟ ଲେବେଲ, ଜିଲାସ୍ତରୀୟ ୫ ଥର ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରମାଣପତ୍ର ରହିବ ବୋଲି ନୂତନ ଭାବେ ସ୍ଥିର କରାଯାଇ ଥିଲା ।ଏହାକୁ ବିରୋଧ କରି କ୍ରୀଡାବିତ୍ ବାଡ଼ିଙ୍ଗି ଚାଣ୍ଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏ ନେଇ କ୍ରୀଡା ଅଧିକାରୀ ଶେଖ ଅଲିନୁରଙ୍କୁ ପଚାରିବାରୁ ଜିଲାପାଳ ଆସିବା ପରେ ଯାହା ନିଷ୍ପତି ହେବ ବୋଲି ସେ କହିଛନ୍ତି।



କ୍ରୀଡାବିତ ବାଡ଼ିଙ୍ଗି ଚାଣ୍ଡି ଜିଲା କ୍ରୀଡା ଅଧିକାରୀ ଶେଖ ଅଲିନୁରଙ୍କୁ କୋର୍ଟ ଅର୍ଡର ଦେଉଛନ୍ତି।

**କେଡିଏଫ୍ଏ କପ୍ ଫୁଟବଲ ପ୍ରତିଯୋଗିତା**

କୋରାପୁଟ,(ଅମିତାଭ ବେହେରା)- କୋରାପୁଟ ଜିଲା ଫୁଟବଲ ଆସୋସିଏସନ ପକ୍ଷରୁ ସ୍ଥାନୀୟ ଓଏସ୍ଏପି ତୃତୀୟ ବାଟାଲିଆନର ପଡ଼ିଆଠାରେ ଚାଲିଥିବା ଜିଲାସ୍ତରୀୟ କେଡିଏଫ୍ଏ କପ ଫୁଟବଲ ପ୍ରତିଯୋଗିତାରେ ସୋମବାର ୨ଟି ମ୍ୟାଚ ଖେଳାଯାଇଛି। ପ୍ରଥମ ମ୍ୟାଚ ବଡ଼ଚିନ୍ତ୍ରୀ ଏବଂ ଷ୍ଟାର ୧୧ ମଧ୍ୟରେ ଖେଳାଯାଇଥିଲା। ଏଥିରେ ବଡ଼ଚିନ୍ତ୍ରୀ ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ରାଣା ୱାରିଅର ଦଳ ଓ ସିଆଇଏଫ ଦଳ ମଧ୍ୟରେ ଖେଳାଯାଇଥିଲା। ଉକ୍ତ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଶେଷ ସମୟ ସୁଦ୍ଧା ଉଭୟ ୨-୨ ଗୋଲରେ ବରାବର ଥିଲେ। ଉଭୟ ଦଳକୁ ୧-୧ ପଏଣ୍ଟ ପ୍ରଦାନ କରାଯାଇଥିଲା।

**ସଂକ୍ଷେପରେ**

## ଛୁରିରେ ନିଜ ବେକ କାଟିଲେ ଯୁବକ



କୋରାପୁଟ,୩୧।୭(ଅମିତାଭ ବେହେରା)

କୋରାପୁଟ ବ୍ଲକର କୁଡୁମୁଲୁ ଗ୍ରାମର ଜଣେ ଯୁବକ ଛୁରିରେ ନିଜ ବେକ କାଟି ଦେଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲରେ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। କୋରାପୁଟ ବ୍ଲକ ଅଧୀନ ମାଥାଲପୁଟ ପଞ୍ଚାୟତ କୁଡୁମୁଲୁ ଗ୍ରାମର ଡମ୍ବୁ ଜାନୀ(୩୨) ନିଜ ବେକକୁ କାଟି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ମାଥାଲପୁଟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ବେକରେ ୩ ଟି ଷ୍ଟିଚ ପକାଯାଇଥିଲା। ଡମ୍ବୁଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। ଡମ୍ବୁ କେଉଁ କାରଣରୁ ଏପରି ପଦକ୍ଷେପ ନେଲେ ତାହା ଏବେ ଯାଏ ସ୍ପଷ୍ଟ ହୋଇନାହିଁ। ସେ କିଛି ଦିନ ହେଲା ମାନସିକ ଅସ୍ଥିରତା ମଧ୍ୟରେ ରହୁଥିବା ଗ୍ରାମବାସୀଙ୍କଠାରୁ ଜଣାଯାଇଛି।

## କୁମୁଲି ହାଇସ୍କୁଲରେ ପୋଷାକ ବିତରଣ



ବୋରିଗୁମ୍ମା, ୩୧।୭(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ କୁମୁଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାର୍କଣ୍ଡ ସତନାମିଙ୍କ ସଭାପତିତ୍ୱରେ ବୋରିଗୁମ୍ମା ଜିଲା ପରିଷଦ ଜୋନ ୩ର ଜିଲା ପରିଷଦ ସଭ୍ୟ ନୃସିଂହନାଥ ଶତପଥି (ପିଙ୍କୁ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବେଣୁମାଧବ ପଣ୍ଡା, ସଭ୍ୟ ହରିହର ପଟ୍ଟନାୟକ ମଞ୍ଚାସୀନ ଥିଲେ। ଷଷ୍ଠ ଶ୍ରେଣୀର ୫୫, ସପ୍ତମର ୬୫ ଓ ଅଷ୍ଟମର ୫୮ ଜଣଙ୍କୁ ପୋଷାକ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମଟିକୁ ବିଦ୍ୟାଳୟର ଖେଳ ଶିକ୍ଷକ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ଲମ୍ବୋଦର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ସ୍କୁଲର ସାଇନ୍ସ ଲେବ୍ରୋଟିରି ଦେଖି ଖୁସି ପ୍ରକାଶ କରିଥିଲେ।

## ବିଦ୍ୟୁତ୍ ଆଘାତରେ ମୃତକଙ୍କ ପରିବାରକୁ ସହାୟତା

କୋରାପୁଟ,୩୧।୭(ଅମିତାଭ ବେହେରା)

ବାହୁଡ଼ାଯାତ୍ରା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ବାବୁଲା ନାୟକଙ୍କ ପରିବାରକୁ ସୋମବାର ଜିଲା ପ୍ରଶାସନ ପକ୍ଷର ସହାୟତା



ଦିଆଯାଇଛି। କୋରାପୁଟ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ସୋମବାର ବାବୁଲାଙ୍କ ଭଉଣୀ ଶ୍ରଦ୍ଧାଞ୍ଜଳି ନାୟକଙ୍କୁ ୩ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଛନ୍ତି। କୋରାପୁଟ ଜିଲାପାଳ ଅବଦାଲ ଏମ୍. ଅଖତାରଙ୍କ ସୁପାରିଶ ଓ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ସହାୟତା ରାଶୀ ପ୍ରଦାନ କରାଯାଇଛି। ସହାୟତା ପ୍ରଦାନ ବେଳେ କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ଜିଲା ଜରୁରୀ ବିଭାଗ ଅବସରପ୍ରାପ୍ତ ଅଧିକାରୀ ପ୍ରକାଶ ସାମଲ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, କୋରାପୁଟ ବ୍ଲକ ଅଧୀନ କୋଲାବନଗରରେ ଗତ ବାହୁଡ଼ା ଯାତ୍ରା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ରଥ ବ୍ରେକ ଦାୟିତ୍ୱ ନିର୍ବାହ କରୁଥିବା ବାବୁଲା ନାୟକ ଗୁରୁତର ହୋଇଥିଲେ। କୋରାପୁଟ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ୨ଜଣ ଆହତ ହୋଇଥିଲେ।

# ବିଦ୍ୟୁତ୍ ଯୋଗାଣ ଗୋଟିଏ ଫିଡରରୁ କରିବା ଦାବି

■ ନନ୍ଦପୁରରେ ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶିବିର

■ ୩୪ ଅଭିଯୋଗ ଶୁଣିଲେ ଜିଲାପାଳ

ନନ୍ଦପୁର, ୩୧।୭(ଶଙ୍କର ପୂଜାରୀ)




ଜିଲାପାଳ ଦମ୍ପତିଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହରେ ସୋମବାର କୋରାପୁଟ ଜିଲା ପ୍ରଶାସନର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯାଇଛି। କୋରାପୁଟ ଜିଲାପାଳ ଅବଦଲ ଏମ୍. ଅଖତାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସାଲୱାର, କୋରାପୁଟ ଉପଜିଲାପାଳ ବେଣୁଧର ଶବର, ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକାରୀ ବଳଭଦ୍ର ଦୀପ, ପ୍ରୋବେସନାରୀ ଆଇଏଏସ୍ ଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ସମୁଦାୟ ୪୫ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ୩୪ ଅଭିଯୋଗ ଶୁଣାଣି କରିଥିଲେ।

ବ୍ଲକ ସଦର ମହକୁମାରେ ବର୍ତ୍ତମାନ ତିନିଗୋଟି ବିଦ୍ୟୁତ ଫିଡର (ନନ୍ଦପୁର, ପାଡୁଆ ଓ ପୂଜାରୀପୁଟ) ରୁ ବିଦ୍ୟୁତ୍ ଯୋଗାଣ କରାଯାଉଛି। ପୂଜାରୀପୁଟ ଫିଡରରେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ନନ୍ଦପୁର କଲେଜ, ପାଡୁଆ ଫିଡରରେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ନନ୍ଦପୁର ସଦର ମହକୁମାର ପାନୀୟ ଜଳଯୋଗାଣ ବ୍ୟବସ୍ଥା ପ୍ରଭାବିତ ହେଉଛି। ତେଣୁ ସମସ୍ତ ବିଦ୍ୟୁତ୍ ସେବା ଗୋଟିଏ ଫିଡରରୁ ପ୍ରଦାନ କରିବାକୁ ଦାବି କରାଯାଇଛି। ଯାହାକୁ ଟିପିଏସ୍ଓଡିଏଲ୍ କର୍ତ୍ତୃପକ୍ଷ ଅଟକଳ କରି ବ୍ୟବସ୍ଥା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଲାପୁଟ ପଞ୍ଚାୟତରେ ଏଏନ୍ଏମ୍ ଓ ଏଲ୍ଆଇ ପଦ ଖାଲି ଥିବା ଅଭିଯୋଗ ହୋଇଥିଲା। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଓ ସିଡିଭିଓଙ୍କୁ ଏ ଦିଗରେ ଧ୍ୟାନ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପାନୀୟ ଜଳର ସମସ୍ୟା, ରାସ୍ତାଘାଟ, ରାସନ୍ କାର୍ଡ ନ ଥିବା ନେଇ ଆଲୋଚନା କରାଯାଇ ଥିଲା।

ଜିଲାପାଳ ୧୨ ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା ପ୍ରଦାନ କରିଥିଲେ। ଏକ ଦମ୍ପତିଙ୍କୁ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୨ଲକ୍ଷ ୫୦ ହଜାର ଟଙ୍କାର ବୈବାହିକ ପ୍ରୋତ୍ସାହନ ରାଶି ଜିଲାପାଳ ପ୍ରଦାନ କରିଥିଲେ। ନନ୍ଦପୁର ବିଡିଓ ସୁଜିତ କୁମାର ମିଶ୍ର ଶିବିର ପରିଚାଳନା କରିଥିଲେ। ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ନନ୍ଦପୁର ଏସ୍ଡିପିଓ ସଞ୍ଜୟ କୁମାର ମହାପାତ୍ର, ନନ୍ଦପୁର ତହସିଲଦାର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଜନ ଅଭିଯୋଗ ଶିବିର ପରେ ଜିଲାପାଳ ନନ୍ଦପୁର ବ୍ଲକ ସଦର ମହକୁମାରେ ପ୍ରତିଷ୍ଠା ହେବାକୁ ଥିବା ନୂତନ ଆହାର କେନ୍ଦ୍ର, ଷ୍ଟେଟ ବ୍ୟାଙ୍କ, ନନ୍ଦପୁର କନିଷ୍ଠ ଓ ସ୍ନାତକ ସିନ୍ଧେଦେବୀ ମହାବିଦ୍ୟାଳୟର ନୂତନ କୋଠା, କୁଲାରସିଂ ପଞ୍ଚାୟତରେ ରୂପାନ୍ତରଣ ଚାଲଇଥିବା ସ୍କୁଲ କାମ ବୁଲି ଦେଖିଥିଲେ।

## ବିଡିଓଙ୍କୁ ସମିତିସଭ୍ୟଙ୍କ ଦାବିପତ୍ର



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଜୟପୁର, ୩୧।୭(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅଧୀନରେ ଥିବା ସମସ୍ତ ସମିତି ସଭ୍ୟ ବିଡିଓଙ୍କ ଦ୍ୱାରସ୍ଥ ହୋଇ ମୋ ଓଡ଼ିଶା ଓ ନବୀନ ଓଡ଼ିଶାର ୫୦ ପ୍ରତିଶତ ସମିତି ସଭ୍ୟାଙ୍କୁ ଦିଆଯାଉ ବୋଲି ଦାବି କରିଛନ୍ତି। ବିଡିଓ ରାଜୀବ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ମୋ ଓଡ଼ିଶା ଓ ନବୀନ ଓଡ଼ିଶାରୁ ପ୍ରତ୍ୟେକ ପଞ୍ଚାୟତରୁ ୫୦ ଲକ୍ଷ ଟଙ୍କା ଅନୁଦାନ ଦିଆଯିବା ନେଇ ଘୋଷଣା କରିଛନ୍ତି । ଏନେଇ ସୋମବାର ସମିତି ସଭ୍ୟାମାନେ ଆସିବାକୁ ଥିବା ଅନୁଦାନରୁ ୫୦ ପ୍ରତିଶତ ସମିତି ସଭ୍ୟାଙ୍କୁ ପ୍ରଦାନ କରାଯାଉ, ପଞ୍ଚାୟତ ଓ ପଞ୍ଚାୟତ ସମିତିରେ ସମିତି ସଭ୍ୟାମାନଙ୍କୁ ପଦ ମର୍ଯ୍ୟାଦା ଦିଆଯିବା,ପଞ୍ଚାୟତର ପ୍ରତ୍ୟେକ କାର୍ଯ୍ୟରେ ସମିତି ସଭ୍ୟ ସଭ୍ୟାଙ୍କ କାଉଣ୍ଟର ଦସ୍ତଖତ କରାଯାଉ ବୋଲି ଦାବି କରାଯାଇଛି ।

# ଓଏଏସ୍ ପରୀକ୍ଷାରେ ରାମେଶ୍ୱରୀ, ଚିନ୍ମୟଙ୍କ ସଫଳତା

ଜୟପୁର/ ଲକ୍ଷ୍ମୀପୁର, ୩୧।୭
(ପବନ ପାଣିଗ୍ରାହୀ/ ଅନନ୍ତ ନାୟକ)



ରାମେଶ୍ୱରୀଙ୍କୁ ତାଙ୍କ ମା ମିଠା ଖୁଆଇ ଖୁସି ମନାଉଛନ୍ତି।




ଚିନ୍ମୟ କୁମାର ସାହୁ।

କୋରାପୁଟ ଜିଲା ଜୟପୁର ବ୍ଲକ କୋଲନୀରେ ରହୁଥିବା ସ୍ୱର୍ଗତ ହିକ୍କା ରାମ ନାୟକଙ୍କ ଝିଅ ରାମେଶ୍ୱରୀ ଓଏଏସ୍ ପରୀକ୍ଷାରେ ସଫଳତା ପାଇଛନ୍ତି। ରାମେଶ୍ୱରୀ ନବୋଦୟରୁ ସ୍କୁଲ ପାଠ ସାରି ବିକ୍ରମ ଦେବ କଲେଜରେ ଯୁକ୍ତ ୩ କଳାରେ ଅଧ୍ୟୟନ କରୁଥିଲେ। ଏହାପରେ ଉତ୍କଳ ୟୁନିଭରସିଟିରୁ ଇଂଲିଶରେ ପିଜ କରିଥିବା ଜଣାପଡ଼ିଛି। ସେ ଏଥିପାଇଁ ପ୍ରତ୍ୟେକ ଦିନ ୮ ଘଣ୍ଟା ପରିଶ୍ରମ କରୁଥିଲେ ବୋଲି ରାମେଶ୍ୱରୀ କହିଛନ୍ତି। ପ୍ରକାଶ ଯେ, ବାପା ରାମ ପିଇଓ ଭାବେ କାର୍ଯ୍ୟ କରୁଥିବାବେଳେ ୨୦୧୨ରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମା ଏଚ୍.ଉମା ମହେଶ୍ୱରୀଙ୍କୁ ସରକାରୀ ଚାକିରୀ ମିଳିଥିଲା। ସେ ବର୍ତ୍ତମାନ ଜୟପୁର ବ୍ଲକରେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ରାମେଶ୍ୱରୀଙ୍କ ୨ ଭାଇ ଅଛନ୍ତି। ରାମେଶ୍ୱରୀଙ୍କ ଏହି ସଫଳତା ପରେ ଅନେକ ବ୍ୟକ୍ତି ବିଶେଷ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସେହିଭଳି ଓଏଏସ୍ ପରିକ୍ଷାରେ ୧୮୮ ର୍ୟାଙ୍କ ରଖି ଲକ୍ଷ୍ମୀପୁର ବ୍ଲକ ଡୁନପାର ଗାଁର ଚିନ୍ମୟ କୁମାର ସାହୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶିକ୍ଷକ ନାରାୟଣ ସାହୁଙ୍କ ପୁଅ ଚନ୍ମୟ ଡୁନପାର ଗାଁରେ ପ୍ରାଥମିକ ଶିକ୍ଷା ସାରି କୋରାପୁଟ ଝଡ଼ିଗୁଡା ହାଇସ୍କୁଲ ମାଧ୍ୟମିକ ଶିକ୍ଷା ଗ୍ରହଣ କରିଥିଲେ। ଗାୟତ୍ରୀ ବିଜ୍ଞାନ କଲେଜରୁ ଦ୍ୱାଦଶ ପରେ ବିକ୍ରମ ଦେବ ମହାବିଦ୍ୟାଳୟରେ ବିଏସ୍ଇ ସାରି ଦିଲ୍ଲୀରେ ପ୍ରଶାସନିକ ସେବା କୋଚିଂ ଗ୍ରହଣ କରିଥିଲେ। ଚିନ୍ମୟଙ୍କ ସଫଳତା ପରେ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସା ସହ ଶୁଭେଚ୍ଛା ଦିଆଯାଇଛି।

## ପ୍ରସିଦ୍ଧ ତବଲା, ଢୋଲକ ବାଦକଙ୍କ ପରଲୋକ

ଜୟପୁର,୩୧।୭ (ପବନ ପାଣିଗ୍ରାହୀ)

ପ୍ରସିଦ୍ଧ ତବଲା ଓ ଢୋଲକ ବାଦକ ସୋମନାଥ କେଲାଡୀଙ୍କ ପରଲୋକ ସୋମବାର ସ୍ଥାନୀୟ ଏକ ଘରୋଇ ହସପିଟାଲରେ ପରଲୋକ ହୋଇଛି। ତାଙ୍କ ବିୟୋଗରେ କୋରାପୁଟ ଜିଲାରେ ଶୋକର ଛାୟା ଖେଳିଯାଇଛି । ଗତ ୩ ମାସ ହେଲା ସିଏ ପେଟଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ସୋମବାର ହଠାତ୍ ଗୁରୁତର ହେବାରୁ ତାଙ୍କୁ ଜୟପୁର ଏକ ଘରୋଇ ହସପିଟାଲରେ



ଚିକିତ୍ସା କରାଯାଉଥିବାବେଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ୧୯୬୨ରେ ଜନ୍ମ ଗ୍ରହଣ କରିଥିବା ବେଳେ ଆକାଶବାଣୀ ବି. ହାଇ ଗ୍ରେଡ ତବଲା ଏବଂ ଢୋଲକ ବାଦକ ଥିଲେ। ତ୍ରିମୂର୍ତ୍ତି ଅର୍କେଷ୍ଟ୍ରାରୁ ଢୋଲକ ବଜେଇବା ଆରମ୍ଭ କରି ନିଶି ଝଙ୍କାର, ମିଡନାଇଟ ଷ୍ଟାର, କ୍ଲାସିକ ଗ୍ରୁପ ତଥା ବିଭିନ୍ନ ସଂଗୀତ ଅନୁଷ୍ଠାନରେ ତବଲା ଢୋଲକ ବଜାଇ ସାରା ଦେଶରେ ନିଜକୁ କଳା ପ୍ରଦର୍ଶନ କର ଅନେକ ସମ୍ମାନର ଅଧିକାରୀ ହୋଇଥିଲେ। ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ତଥା ଜୟପୁର ତଥା ଆଖ ପାଖ ଅଞ୍ଚଳର ସମସ୍ତ କଳାକାର ବିଜୟ କୁମାର ସାମନ୍ତରାୟ, ଧିରେନ ମୋହନ ପଟ୍ଟନାୟକ, ସୁଶାନ୍ତ ଅଧିକାରୀ ପ୍ରମୁଖ ତାଙ୍କ ବାସ ଭବନରେ ଶେଷ ଦର୍ଶନ କରିଥିଲେ। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଟେଲିଫୋନ ଯୋଗେ ନିଜର ଶୋକ ବ୍ୟକ୍ତ କରିଥିଲେ । ମୃତ୍ୟୁ ସମୟରେ ତାଙ୍କ ପତ୍ନୀ ଗ୍ଲୋରି ବାଳା କେଲାଡି , ସାନ ଭାଇ, ୩ ପୁଅ, ଦୁଇ ବୋହୁ ଏବଂ ଏକ ମାତ୍ର ଝିଅ ସହିତ ପରିବାର ବର୍ଗ ଉପସ୍ଥିତ ଥିଲେ । ସ୍ଥାନୀୟ ଚମ୍ପାକୁପଲୀ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ରାସ୍ତାରେ ନାହିଁ ଷ୍ଟ୍ରିଟ୍‌ଲାଇଟ୍, ବଢୁଛି ଚୋରଙ୍କ ପ୍ରାଦୁର୍ଭାବ

ଦଶମନ୍ତପୁର,୩୧।୭( ଅରବିନ୍ଦ ନାୟକ)

ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଯୋଜନା ମାଧ୍ୟମରେ ସହର ଓ ଗ୍ରାମାଞ୍ଚଳକୁ ଆଲୋକୀକରଣ କରୁଥିବା ବେଳେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରରେ ଏହା ସମ୍ପୂର୍ଣ୍ଣ ଫେଲ୍ ମାରିଛି। ପେଡ଼ିସିଲ ଗାଁ ଛକଠାରୁ ଆରମ୍ଭ କରି ପେଟ୍ରୋଲ ପମ୍ପ ଏବଂ ବାଣୁଆଗୁଡ଼ା ଛକଠାରୁ ବଦଳିକୁଡୁମା ଛକ ଯାଏ ଥିବା ଷ୍ଟ୍ରିଟ୍‌ଲାଇଟ୍ ଅଚଳ ହୋଇପଡୁ ଥିବାରୁ ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ସଞ୍ଜ ହେଲେ ରାସ୍ତା ଅନ୍ଧକାରମୟ ହୋଇଯାଉଥିବାରୁ ଲୋକେ ଉକ୍ତ ରାସ୍ତାରେ ନିରାପଦ ମଣୁ ନ ଥିବା ଅଭିଯୋଗ ହେଉଛି। ପୂର୍ବତନ ଏମ୍‌ପି ଏବଂ ବିଧାୟକ ନିଜସ୍ୱ ପାଣ୍ଠିରୁ ଦଶମନ୍ତପୁରର ବିଭିନ୍ନ ଗ୍ରାମ ଓ ସଦରର ସ୍ଥାନେ ସ୍ଥାନେ ଷ୍ଟ୍ରିଟ୍‌ଲାଇଟର ବ୍ୟବସ୍ଥା କରିଥିଲେ। ଫଳରେ ସେହି ସମୟରେ ଚୋରି, ଡକାୟତ ଭଳି ଘଟଣା ବହୁମାତ୍ରାରେ କମି ଯାଇଥିଲା। କିନ୍ତୁ ଗତ କିଛି ମାସ ହେଲା ଲାଇଟ୍ ଜଳୁ ନ ଥିବାରୁ ରାତିରେ ଅନ୍ଧାରର ସୁଯୋଗ ନେଇ ପୁଣି ଚୋରଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି । ଏ ନେଇ ଦଶମନ୍ତପୁର ଥାନାରେ ଅନେକ ଅଭିଯୋଗ ହୋଇଛି। କିଛି ଦିନ ପୂର୍ବେ ଗିର୍ଲିଗୁମ୍ମା ପଞ୍ଚାୟତ ଅଧିନରେ ଥିବା ନୂଆଗୁଡ଼ା ଗ୍ରାମର ଅର୍ଜୁନ ଦଣ୍ଡସେନାଙ୍କ ବାଇକ୍ ମଧ୍ୟ ହାଟପଦା ରାସ୍ତା କଡ଼ରୁ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ସେହିପରି ଦଶମନ୍ତପୁର କଲେଜ ରୋଡ଼ ଏବଂ ରାଧାକୃଷ୍ଣ ମନ୍ଦିର ଘାଟିରୁ ମଧ୍ୟ ବାଇକ୍ ଚୋରି ହୋଇଥିବା ଥାନାରେ ମାମଲା ରୁଜୁ ହୋଇଛି। ଏମ୍‌ପି ଏବଂ ବିଧାୟକଙ୍କ ପାଣ୍ଠିରୁ ଦିଆଯାଇଥିବା ଷ୍ଟ୍ରିଟଲାଇଟର ରକ୍ଷଣାବେକ୍ଷଣା ଅଭାବରୁ ସେଗୁଡ଼ିକ ଅଚଳ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ପ୍ରଶାସନ ଏଥି ପ୍ରତି ଧ୍ୟାନଦେଇ ପେଡ଼ିସିଲ ଛକ ଠାରୁ ବଦଳି କୁଡୁମା ଛକ ଓ କଲେଜ ରାସ୍ତା ଯାଏ ଷ୍ଟ୍ରିଟ ଲାଇଟ ଲଗାଇବା ଏବଂ ଅଚଳ ହୋଇ ପଡ଼ିଥିବା ଷ୍ଟ୍ରିଟଲାଇଟକୁ ସଜାଡ଼ିବାକୁ ସାଧାରଣରେ ଦାବି ହୋଇଛି।

# ବୈଠକରେ ପୌରାଞ୍ଚଳ ବିକାଶ ନେଇ ଆଲୋଚନା

ସୁନାବେଡ଼ା, ୩୧।୭ (କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ପୌର ପରିଷଦର ମାସିକ ସାଧାରଣ ବୈଠକ ପୋରାଧ୍ୟକ୍ଷ ଡ଼ଃ ରାଜେନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୋରାପୁଟ ବିଧାୟକ ରଘୁରାମ ପଡାଲ ଯୋଗ ଦେଇ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଛନ୍ତି। ପୌରାଧ୍ୟକ୍ଷ ଡ଼ଃ ପାତ୍ର ସ୍ୱାୟତ୍ତ ଶାସନ ଦିବସ ଏବଂ ସ୍ୱାଧୀନତା ଦିବସ ପାଳନ ନେଇ ବିଶେଷ ଆଲୋଚନା କରିଥିଲେ। ନିର୍ବାହୀ ଅଧିକାରୀ ନାରାୟଣ ନାୟକ ପୌରାଞ୍ଚଳରେ ଜାରି ରହିଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମସ୍ତ କାଉନସିଲର୍ ନିଜ ୱାର୍ଡର ବିକାଶ ଓ ସମସ୍ୟା ଉପରେ ଆଲୋଚନା କରିଥିଲେ। ଉପାଧ୍ୟକ୍ଷା ରତ୍ନ କଣ୍ଟା ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀଧର ମହାପାତ୍ର ସଭା ପରିଚାଳନା କରିଥିଲେ। ସଭାରେ ସମସ୍ତ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧିମାନେ।

## ଆଜେକ୍ସ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚାରାରୋପଣ




ଉମରକୋଟ, ୩୧।୭ (ସନ୍ତୋଷ ଶତପଥୀ)

ଉମରକୋଟ ଡିଏନକେଠାରେ ଥିବା ଆଜେକ୍ସ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଧୋତ୍ରା ପଞ୍ଚାୟତ ଅନ୍ତର୍ଗତ ମାଝିଗୁଡା ଗ୍ରାମରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରଠାରେ ୧୦୦ରୁ ଅଧିକ ଚାରାରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉମରକୋଟ ବନାଞ୍ଚଳ ଡେପୁଟି ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ ଓ ଧୋତ୍ରା ଫରେଷ୍ଟର ସ୍ମିତିପ୍ରଜ୍ଞା ତ୍ରିପାଠୀ, ସୁଧୀର ପଟ୍ଟନାୟକ ମାଝୀଗୁଡା ସରପଞ୍ଚ ଚୈତୁ ଭତ୍ରା, ପଞ୍ଚାୟତ ସଭାପତି ସନ୍ତୋଷ ବିଷୋୟୀ , ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼. ଅଜିତ ଦାସ, ବିପିଏମ ପ୍ରିୟଙ୍କା ସିଲ,ଏସଟିଏସ ବିପିନ କୁମାର ମାଝୀ, ସୁପରଭାଇଜର ମନୋରଞ୍ଜନ ମହାନ୍ତି ଓ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରର ପ୍ରିୟଙ୍କା ପ୍ରିୟଦର୍ଶିନୀ ଦେବୀ ଓ ସିଲିରାଣୀ ଛାଟୋଇ ଏବଂ ଆଶାକର୍ମୀ ଯୋଗ ଦେଇଥିଲେ। ଚଳିତ ବର୍ଷ ବିଭିନ୍ନ ବିଦ୍ୟାଳୟ, ଡାକ୍ତରଖାନା ଏବଂ ଖାଲି ସ୍ଥାନରେ ବିଭିନ୍ନ ପ୍ରକାର ଫଳ ଏବଂ ଔଷଧୀୟ ଚାରାରୋପଣ କରାଯିବ ବୋଲି ଆଜେକ୍ସ ସ୍ପଟିଂ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଆଜେକ୍ସ ସ୍ପୋଟିଙ୍ଗ କ୍ଲବର ସଦସ୍ୟ ସତ୍ୟନାରାୟଣ ଦାସ, ମିଟୁ ପଣ୍ଡା, ସୁଧାଂଶୁ ବିଶାଳ, ତୁଳସି ଦାସ, କୁନା ସାହୁ,ନାରାୟଣ ସାହୁ, ଜ୍ଞାନେନ୍ଦ୍ର ସ୍ୱାଇଁ, ଜି.ଗୋଲ୍ଡସୁମିତ ପ୍ରମୁଖ ସଦସ୍ୟ ଉପସ୍ଥିତ ରହିଥିଲେ।

# ଜାତୀୟ ରାଜପଥ ଉପରେ ଆଣ୍ଠୁଏ ପାଣି

ସୁନାବେଡା,ସେମିଳିଗୁଡା,୩୧।୭
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଗତ କିଛିଦିନ ହେବ ସମଗ୍ର ଜିଲାରେ ଲଘୁଚାପ ଜନିତ ବର୍ଷା ଲାଗିରହିଛି । ସେମିଳିଗୁଡ଼ା ଓ ସୁନାବେଡାରେ ମଧ୍ୟ ପ୍ରବଳ ବର୍ଷା ଯୋଗୁ ପାଣିରେ ଉବୁଟୁବୁ ହେଉଛି ସାରା ସହର। ଅପରପକ୍ଷେ ୨୬ନଂ ଜାତୀୟ ରାଜପଥର ନାଲକୋ ଛକ ଠାରୁ ଟିମ୍ବର୍ ପର୍ଯ୍ୟନ୍ତ ରାସ୍ତାରେ ବର୍ଷା ପାଣି ନିଷ୍କାସନ ସୁବିଧା ନ ଥିବାର ବହୁ ସ୍ଥାନରେ ଆଣ୍ଠୁଏ ଲେଖାଏଁ ପାଣି ଜମି ପୋଖରୀର ଭ୍ରମ ସୃଷ୍ଟି କରୁଛି। କିଛି ଦିନ ତଳେ ଏନ୍ଏଚ କର୍ତ୍ତୃପକ୍ଷ ସେମିଳିଗୁଡା ଭେଣ୍ଡିଂ ଜୋନ ନିକଟରେ ରାସ୍ତା ଉପରେ ମାଟି ଗଦା କରିଥିବା ଖବର ପ୍ରକାଶିତ ହେବା ପରେ ମଧ୍ୟ କର୍ତ୍ତୃପକ୍ଷ ଚୁପ। ଯାହାଦ୍ୱାରା ଲୋକେ ଯିବା ଆସିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ରାଜପଥରେ ବର୍ଷା ଜଳ ନିଷ୍କାସନର ବ୍ୟବସ୍ଥା ନ ଥିବା ହେତୁ ସାମାନ୍ୟ ବର୍ଷାରେ ମଧ୍ୟ ରାସ୍ତାର ଅବସ୍ଥା ବେହାଲ ହେଉଥିବା ଅଭିଯୋଗ ହୋଇଛି । ରାଜପଥର ଅନେକ ଜାଗାରେ ପାଣି ଜମି ରହିବା ଫଳରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜାତୀୟ ରାଜପଥ କନିଷ୍ଠ ଯନ୍ତ୍ରୀ ସୁମିତ ରଞ୍ଜନଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଏ ବିଷୟରେ ସେ ଅବଗତ ଅଛନ୍ତି, ବର୍ଷା ଛାଡିବା ପରେ ସମସ୍ୟାର ସମାଧାନ କରାଯିବ।



ବର୍ଷା ପାଣି ନିଷ୍କାସନ ସୁବିଧା ନ ଥିବାରୁ ରାସ୍ତାରେ ପାଣି ଜମି ରହିଛି।

# ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କଲେ ଏସ୍ଏଚ୍‌ଜି କର୍ମୀ

**ସରକାରୀ କାମ ମିଳୁ ନ ଥିବା ଅଭିଯୋଗ**

ଜୟପୁର (ପବନ ପାଣିଗ୍ରାହୀ )



ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିବା ଏସ୍ଏଚ୍‌ଜି କର୍ମୀ ।

ମହିଳା ସଶକ୍ତିକରଣ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ବିଭିନ୍ନ ସରକାରୀ କାମ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜରିଆରେ କରାଯାଉଥିବାବେଳେ ଜୟପୁର ଏସଏଚଜି ଗ୍ରୁପ୍‌କୁ ସରକାରୀ କାମ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଯୁବ ସଂଗଠନ ଆବାହକ ରବୀନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ବହୁ ମହିଳା କର୍ମୀ ସୋମବାର ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ଆରଡବ୍ଲୁଏଚ୍ଏସ ସ୍କିମରେ ୪୯୨ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ମୁକ୍ତା ଯୋଜନାରେ କୋଟି କୋଟି ଟଙ୍କାର ବିଭିନ୍ନ ପାର୍କ, ଡ୍ରେନ ଆଦି କାର୍ଯ୍ୟ କରାଯାଉଛି । ୨ ବର୍ଷ ମଧ୍ୟରେ ସମୁଦାୟ ୭ ଶହରୁ ଅଧିକ ପ୍ରକଳ୍ପ ଶେଷ ହୋଇସାରିଛି । ବର୍ତ୍ତମାନ ୧୩୧ଟି ପ୍ରକଳ୍ପ ଅର୍ବାନ ଇନଫ୍ରାରେ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରପ୍ରାପ୍ତ ପରେ କାର୍ଯ୍ୟକାରୀ ହେବାକୁ ଯାଉଛି। ଏଭଳି ପ୍ରାୟ ୮୫୦ ପ୍ରକଳ୍ପ କାର୍ଯ୍ୟ ଏସ.ଏସ.ଜିଗ୍ରୁପ୍ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଜୟପୁରରେ ପ୍ରାୟ ୪୫୦ ଏସ୍ଏସଜି ଗ୍ରୁପ ମଧ୍ୟରୁ ମାତ୍ର ୬୦ରୁ ୭୦ ଗ୍ରୁପ୍‌କୁ ହିଁ ସମସ୍ତ କାର୍ଯ୍ୟ ମିଳୁଛି। ଅବଶିଷ୍ଟ ପ୍ରାୟ ୪୦୦ ଏସଏସଜି ଗ୍ରୁପ ସରକାରୀ ଯେଜନାଠାରୁ ଅପହଞ୍ଚ ଥିବା ଅଭିଯୋଗ ହୋଇଛି। ୨୦୨୩ରେ ଜୟପୁର ସହର ରୂପାନ୍ତରୀକରଣ ପାଇଁ ମୁଖ୍ୟମନ୍ତ୍ରୀ ୧୩୨ଟି କାର୍ଯ୍ୟ ସକାଶେ ୧୨ କୋଟି ଟଙ୍କା ଜୟପୁର ପୌର ପରିଷଦ ନିମନ୍ତେ ଅନୁମୋଦନ କରିଥିବା ଗତ ୨୮ ତାରିଖରେ ଏକ ନୋଟିସ ଜାରି କରିଛନ୍ତି । ୭ କୋଟି ଟଙ୍କା ବିନିମୟରେ ୮୧ଟି କାର୍ଯ୍ୟ ସକାଶେ ଏସ.ଏସଜି ଗ୍ରୁପ୍ ଆବେଦନ କରିବେ ଏବଂ ଆବେଦନର ଶେଷ ତାରିଖ ଅଗଷ୍ଟ ୧ ତାରିଖ ରହିଛି । ତେବେ ୧୨ କୋଟି ଟଙ୍କାର ୧୩୨ଟି କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ବେଳେ ଜୟପୁର ପୌର ପରିଷଦ ଦ୍ୱାରା ୭ କୋଟି ଟଙ୍କାର ୮୧ଟି କାର୍ଯ୍ୟ ସକାଶେ ନୋଟିସ କାହିଁକି କରାଗଲା ନାହ । ବଳକା ୫ କୋଟି ଟଙ୍କାର ୫୧ଟି କାର୍ଯ୍ୟ କାହିଁକି ଉଲ୍ଲେଖ ରହିଲା ନାହିଁ ବୋଲି ଅଭିଯୋଗ କରାଯାଇଛି । ଏହି ଦାବିପତ୍ରର ନକଲ ୫-ଟି ସଚିବ, କୋରାପୁଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଏସଏସଜି ଗ୍ରୁପଙ୍କ ଦ୍ୱାରା ଜୟପୁର ସହରରେ ଡ୍ରେନ, ଖୋଲା ସ୍ଥାନ ବିକାଶ, ସୌନ୍ଦର୍ଯ୍ୟ କରଣ ଆଦି କାର୍ଯ୍ୟ କରାଯାଇଛି। ଏ ନେଇ ପୌର କାର୍ଯ୍ୟ ନିର୍ବାହି ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ପଚାରିବାରୁ ସରକାରୀ ନିୟମ ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯାଇଛି । ବର୍ତ୍ତମାନ ୮୧ଟି କାର୍ଯ୍ୟର ଟେଣ୍ଡର ବାହାର କରାଯାଇଥିବା ବେଳେ କେତେକ ସ୍ଥାନରେ ଜମି ବିବାଦ ରହିଛି। ସେଥିପାଇଁ ପରବର୍ତ୍ତି ସମୟରେ ଅନ୍ୟ କାର୍ଯ୍ୟର ଟେଣ୍ଡର ବାହାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

# ଦୁଇ ବର୍ଷ ହେବ ଜଣେ ଶିକ୍ଷକରେ ଚାଲିଛି ସ୍କୁଲ

ତେନ୍ତୁଲିଖୁଣ୍ଟି, ୩୧ ।୭(ଚିଦାନନ୍ଦ ସାହୁ)

ଛାତ୍ରୀଛାତ୍ରଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ କରିବା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ଏପରିକି ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ସରକାରୀ ଯୋଜନାରେ ବର୍ତ୍ତମାନ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ରୂପାନ୍ତରିତ କରାଯାଉଛି। କିନ୍ତୁ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କୁକୁଡ଼ାବାଇ ପଞ୍ଚାୟତ ବଣ୍ଡାହାରିଆଗୁଡା ପ୍ରାଥମିକ ବିଦ୍ୟାଳୟରେ ପାଞ୍ଚଟି ଶ୍ରେଣୀକୁ ଜଣେ ଶିକ୍ଷକ ଅଛନ୍ତି। ୨ ବର୍ଷ ହେବ ଏପରିଭାବେ ପିଲାଙ୍କ ପାଠପଢ଼ା ଚାଲିଛି। ଏଠାରେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ମିଳିବାରେ ଅସୁବିଧା ହେଉଛି ବୋଲି ଅଭିଭାବକମାନେ କହିଛନ୍ତି।


ଶିକ୍ଷକ ପିଲାମାନଙ୍କୁ ପଢାଉଛନ୍ତି ।

ବଣ୍ଡାହାରିଆଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢ଼ନ୍ତି। ଏଠାରେ ୪୫ ପିଲାଙ୍କୁ ଜଣେ ମାତ୍ର ଶିକ୍ଷକ। ଉକ୍ତ ଶିକ୍ଷକଙ୍କ ଉପରେ ସବୁ ଦାୟିତ୍ୱ। ବାରମ୍ବାର ଘଟଣା ସମ୍ପର୍କରେ ଅବଗତ କରିଲେ ମଧ୍ୟ କୌଣସି ସୁଫଳ ମିଳୁନି। ବିଇଓଙ୍କୁ ଲିଖିତ ଅଭିଯୋଗ କଲା ପରେ ଜଣେ ଶିକ୍ଷକଙ୍କୁ ଡେପୁଟେଶନରେ ଦେଇଥିଲେ। କିନ୍ତୁ ଦୁଇ ତିନି ମାସ ପରେ ଡେପୁଟେଶନରେ ଆସିଥିବା ଶିକ୍ଷକଙ୍କୁ ଫେରାଇ ନିଆଗଲା। ୨୦୨୧ ନଭେମ୍ବର ମାସରୁ ଏହି ବିଦ୍ୟାଳୟରେ ଜଣେ ଶିକ୍ଷକ ଅଛନ୍ତି। ବାରମ୍ବାର ବିଇଓଙ୍କୁ ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଶିକ୍ଷକ ଜଣକ କହିଛନ୍ତି। ଶିକ୍ଷକଙ୍କୁ ଜରୁରିକାଳୀନ ଛୁଟି ନେବାକୁ ହେଲେ ଅନ୍ୟ ଜଣେ ଶିକ୍ଷକ ଡେପୁଟେଶନରେ ଆସୁଛନ୍ତି। ପରେ ତାଙ୍କୁ ଫେରାଇ ନିଆଯାଉଛି। ଯଦି ଶିକ୍ଷକଙ୍କୁ ଛୁଟି ଦେବାବେଳେ ଡେପୁଟେଶନରେ ଆଉ ଜଣେ ଶିକ୍ଷକ ଆସିପାରୁଛନ୍ତି ତେବେ ସ୍ଥାୟୀଭାବେ କାହିଁକି ନୁହେଁବୋଲି ଅଭିଭାବକ ପ୍ରଶ୍ନ କରିଛନ୍ତି। ରାଜ୍ୟସରକାରଙ୍କ ବିଦ୍ୟାଳୟ ପରିଚାଳନା ନିୟମ ପ୍ରକାରେ ଛାତ୍ରୀଛାତ୍ର ଅନୁପାତ ଓ ଶ୍ରେଣୀ ସଂଖ୍ୟା ଭିତ୍ତିରେ ଅତିରିକ୍ତ ଶିକ୍ଷକ ଡେପୁଟେଶନରେ ଆସିବା କଥା। କିନ୍ତୁ ଏପରି କାହିଁକି ହେଉନି ତାହାକୁ ନେଇ ପ୍ରଶ୍ନବାଚୀ। ବିଦ୍ୟାଳୟରେ ଆଉ ଜଣେ ଶିକ୍ଷକ ଦେବା ପାଇଁ ଗ୍ରାମବାସୀ ପ୍ରଶାସନକୁ ଜଣାଇଛନ୍ତି। ତେବେ ଏହି ବିଦ୍ୟାଳୟରେ ଶିକ୍ଷକ ପଦବୀ କେବେ ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଲା। ଏ ନେଇ ଏବିଇଓ ମୋହନ ମଧୁସୂଦନ ବାଘଙ୍କୁ ପଚାରିବାରୁ ଉକ୍ତ ବିଦ୍ୟାଳୟରେ ୨ଜଣ ଶିକ୍ଷକ ଥିଲେ। ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେବାପରେ ଉକ୍ତ ସ୍ଥାନ ଖାଲି ଥିଲା। ସେଠାକୁ ଜଣଙ୍କୁ ଡେପୁଟେଶନ ଦିଆ ଯାଇଥିଲା। ତାଙ୍କର ପଦୋନ୍ନତି ହେବାରୁ ଉକ୍ତସ୍ଥାନ ଖାଲି ଅଛି। ଜିଲା ଶିକ୍ଷାଧିକାରୀଙ୍କ ଅନୁମତି ପରେ ଡେପୁଟେଶନ ଆଉ ଜଣଙ୍କୁ ଦିଆଯିବ ବୋଲି ସେ କହିଛନ୍ତି।

### ୫ ଶ୍ରେଣୀରେ ପଢୁଛନ୍ତି ୪୫ ପିଲା

## ସଂକ୍ଷେପରେ

### ପୋଲ ନିକଟରୁ ମିଳିଲା ନିଖୋଜ ବ୍ୟକ୍ତିଙ୍କ ମୃତଦେହ

ଝରିଗାଁ, ୩୧ ।୭(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଡ଼ଟେମରା ପଞ୍ଚାୟତ ଅଧୀନ ଏକ ପୋଲ ନିକଟରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ମୃତକ ହେଲେ ପଡ଼ଲାଗୁଡ଼ା ଗ୍ରାମର ନୀଳ ମୁଦୁଲି (୫୫)। ମୃତକ ଜଣଙ୍କ ୮ଦିନ ହେବ ନିଖୋଜ ଥିଲେ। ମୃତକଙ୍କ ପରିବାରର କହିବାନୁସାରେ ଗତ ସୋମବାରରୁ ନୀଳ ଘରୁ ବାହାରି ଯାଇଥିଲେ। ଉକ୍ତ ଦିନ ଚନ୍ଦନଧାରା ଶୈବପୀଠ ରାସ୍ତାରେ ଥିବା ପଡ଼ଲାଗୁଡ଼ା ନିକଟ କଲଭର୍ଟ ଉପରେ ବସିଥିବା ସ୍ଥାନୀୟ ଲୋକେ ତାଙ୍କୁ ଦେଖିଥିଲେ। ସୋମବାର ନୀଳଙ୍କ ଗଳିତ ମୃତଦେହକୁ ପଡ଼ଲାଗୁଡ଼ାରୁ ପ୍ରାୟ ଏକ କି.ମି ଦୂରରେ ରହିଥିବା ନାଳ ନିକଟରେ ଗ୍ରାମର ବୈଶାଖୁ ମୁଦୁଲି ଓ ଅନ୍ୟମାନେ ଦେଖିଥିଲେ। ସେମାନେ ମୃତକଙ୍କ ଭାଇ ସରାଦୁ ମୁଦୁଲିଙ୍କୁ ଘଟଣା ସମ୍ପର୍କରେ ଜଣେଇବା ପରେ ସେ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଝରିଗାଁ ଥାନା ଏସ୍ଆଇ ମିଳନ ବରିହା ଏବଂ ପ୍ରମୋଦ ଖଣ୍ଡୁଆଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ମୃତଦେହକୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ସୂଚନା ଦେଇଛି।

### ସାପ କାମୁଡ଼ାରେ ଯୁବକ ଗୁରୁତର

ପାପଡ଼ାହାଣ୍ଡି,୩୧ ।୭(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ପ୍ରଧାନୀଗୁଡ଼ା ଗ୍ରାମର ସଦନ ଗୌଡ଼ ସାପ କାମୁଡ଼ାରେ ସୋମବାର ଗୁରୁତର ହୋଇଛନ୍ତି। ତାଙ୍କୁ ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ ସୋମବାର ସକାଳ ୮ଟାରେ ସଦନ ଚାଷ କରିବାକୁ ଜମିକୁ ଯାଇଥିଲେ। ଚାଷ କାମ କରିବାବେଳେ ଏକ ବିଷଧର ସାପ ତାଙ୍କ ଗୋଡ଼କୁ କାମୁଡି ଦେଇଥିଲା। ଏହା ଜାଣିବା ପରେ ସଦନ ଘରକୁ ଆସି ପରିବାର ଲୋକଙ୍କୁ ସାପ କାମୁଡ଼ିବା ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକେ ବାଇକରେ ତାଙ୍କୁ ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସଦନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

### ଦୁର୍ଘଟଣାରେ ପଥଚାରୀ ଗୁରୁତର

ତେନ୍ତୁଲିଖୁଣ୍ଟି, ୩୧ ।୭(ଚିଦାନନ୍ଦ ସାହୁ)

ତେନ୍ତୁଲିଖୁଣ୍ଟି ବ୍ଲକ କୁର୍ମାକୋଟର ବିଦେଶୀ ମଦ ଦୋକାନ ପାଖରେ ଜଣେ ବାଇକ୍ ଚାଳକ ପଥଚାରୀ ମୁକୁନ୍ଦ କର୍କରା (୬୦)ଙ୍କୁ ଧକ୍କା ଦେଇଛନ୍ତି। ଏଥିରେ ମୁକୁନ୍ଦ ଗୁରୁତର ଅଛନ୍ତି। ତାଙ୍କୁ ତେନ୍ତୁଲିଖୁଣ୍ଟି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ମୁକୁନ୍ଦ ନିଜ ଜମିକୁ ଚାଲିଚାଲି ଯିବାବେଳେ ଜଣେ ବାଇକ୍ ଚାଳକ ତାଙ୍କ ଗାଡ଼ି (ଓଡି–୦୮ଏମ୍–୫୦୮୭)କୁ ନେଇ ତାଙ୍କଠାରେ ପିଟିଥିଲେ।ଏଥିରେ ମୁକୁନ୍ଦଙ୍କ ଗୋଡ଼ ଭାଙ୍ଗି ଯାଇଛି। ବାଇକ୍ ଚାଳକ ନିଶାସେବନ କରିଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ନବରଙ୍ଗପୁର, ୩୧ ।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଥାନା ଅଞ୍ଚଳର ଜଣେ ୫ ବର୍ଷର ନାବାଳିକାଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ମିଳିଛି। ନବରଙ୍ଗପୁର ଅତିରିକ୍ତ ଜିଲା ତଥା ପୋକ୍ସୋ ସ୍ୱତନ୍ତ୍ର ବିଚାରପତି ପ୍ରଣତି ସାହା ଏହି ରାୟ ଶୁଣାଇଛନ୍ତି। ପୀଡିତାଙ୍କୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରକାଶ ଯେ, ୨୦୨୧ ସେପ୍ଟେମ୍ବର ୧୨ରେ ଅଭିଯୁକ୍ତ ପଦୁ ଅମାନତ୍ୟ ନାବାଳିକାଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଭିତରେ ପଶିଥିଲେ। ଏହାପରେ ସେ ନାବାଳିକାଙ୍କୁ ଘରୁ ଟେକି ନେଇ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ମା’ ଜଙ୍ଗଲରୁ ଫେରିବା ପରେ ସେ ଘଟଣା ସମ୍ପର୍କରେ ତାଙ୍କୁ ଜଣାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ୨୦୨୧ ଅକ୍ଟୋବର ୧୫ରେ ତେନ୍ତୁଲିଖୁଣ୍ଟି ଥାନା ପୋଲିସ କେସ୍ ନଂ ୧୩୬/୨୧ରେ ମାମଲା ରୁଜୁ କରିଥିଲା। ତେନ୍ତୁଲିଖୁଣ୍ଟି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲା ନବରଙ୍ଗପୁର ପୋକ୍ସୋ ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟରେ କେସ ନଂ ଟିଆର ୮୪/୨୧ରେ ବିଚାରାଧୀନ ଥିଲା। ନବରଙ୍ଗପୁର କୋର୍ଟର ଅତିରିକ୍ତ ଜିଲା ଓ ସେସନ୍ସ ବିଚାରପତି ତଥା ପୋକ୍ସୋ ସ୍ୱତନ୍ତ୍ର ବିଚାରପତି ପ୍ରଣତି ସାହା ୧୫ ଜଣ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ପଦୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା ଦେବାକୁ ରାୟ ପ୍ରକାଶ ପାଇଛି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୮ ଲକ୍ଷ ଟଙ୍କା ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସଚ୍ଚିଦାନନ୍ଦ ସ୍ୱାଇଁ ପରିଚାଳନା କରୁଥିଲେ।

### ପୀଡ଼ିତାଙ୍କୁ ୮ ଲକ୍ଷ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

# ଅଭିଯୋଗ ଶୁଣିଲେ, ସହାୟତା ଦେଲେ



ସହାୟତା ପାଇଥିବା ହିତାଧିକାରୀଙ୍କ ସହ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଚନ୍ଦାହାଣ୍ଡି, ୩୧ ।୭(ଦିଲୀପ ଦାସ )

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଭାଗୃହରେ ଜିଲାପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଜିଲାପାଳ ଡ.କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣୀ କାର୍ଯ୍ୟକ୍ରମରେ ମୋଟ ୨୯ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୩ଟି ବ୍ୟକ୍ତିଗତ ଓ ଗୋଟିଏ ସାମୁହିକ ଅଭିଯୋଗ ଥିଲା। ବୈଠକରେ ହିଁ ୬ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ୨୦ ଜଣଙ୍କୁ ପେନସନ ପ୍ରଦାନ କରାଯାଇଥିଲା। ଫଟକି ଓ ଧୋଡ଼ିପାଣିର ଦିବ୍ୟାଙ୍ଗ ଦମ୍ପତି ନିତ୍ୟାନନ୍ଦ ନାୟକ ଓ ଶୈଳେନ୍ଦ୍ର ନାୟକ ଏବଂ ଲଛମନ ନାୟକ ଓ ରଶ୍ମିତା ନାୟକଙ୍କୁ ୨ଲକ୍ଷ ପଚାଶ ହଜାର ଟଙ୍କା ଲେଖାଏ ଚେକ ମିଳିଛି। ସେଠାରୁ ଜିଲାପାଳ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ କରିବାକୁ ଯାଇଥିଲେ। ଜମାଦାରପଡ଼ାସ୍ଥିତ ଜଗନ୍ନାଥ ବଲ୍ଲଭ ବାଟିକା ପରିଦର୍ଶନ କରିବା ସହ ସେଠାରେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଉମରକୋଟ ଏସ୍‌ଡିପିଓ ପୁରୁଷୋତ୍ତମ ଭୋଇ, ମାଜିଷ୍ଟ୍ରେଟ ହିମାଂଶୁ ଶେଖର ଆଚାର୍ଯ୍ୟ, ଡିଏସ୍‌ଏସ୍‌ଓ ସୁଧାଂଶୁ ପାତ୍ର, ବିଡିଓ ଧର୍ମରାଜ ମାଝି, ତହସିଲଦାର ସ୍ନିଗ୍ଧାରାଣୀ ପଳେଇ, ସହକାରୀ କୃଷି ଅଧିକାରୀ ଗଜେନ୍ଦ୍ର ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ଥୟକୁମାର ପଟେଲ, କନିଷ୍ଠ ଯନ୍ତ୍ରୀ ରାଜୀବ ଲୋଚନ ଧଳ, ଚନ୍ଦନ ଦଳେଇ, ସମସ୍ତ ପିଇଓ, ଜିଆରଏସ୍‌ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଲୋକ ପ୍ରତିନିଧି ଏବଂ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ ।

### ଚନ୍ଦାହାଣ୍ଡିରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ଯୁବତୀଙ୍କ ଗୋଡ଼ରେ ଚଢ଼ିଗଲା ମାଲବାହୀ ଟ୍ରକ୍

### ଥାନାରେ ଗାଡ଼ି ସହ ଡ୍ରାଇଭର ଅଟକ

ଉମରକୋଟ, ୩୧ ।୭ (ସନ୍ତୋଷ ଶତପଥୀ)

ଉମରକୋଟ–ରାଇଘର ରାସ୍ତାରେ ପଡୁଥିବା ପୋଲ ଉପରେ ସୋମବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ସ୍କୁଟି ନେଇ ଯାଉଥିବା ଜଣେ ଯୁବତୀଙ୍କ ଗୋଡ଼ ଉପରେ ଟ୍ରକ ଚଢ଼ି ଯାଇଛି। ଯୁବତୀଜଣଙ୍କୁ ଗୁରୁତର ଅବସ୍ଥାରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଉମରକୋଟ ସହର ନିକଟସ୍ଥ ଯୁଭି–୭ ନୂଆଗୁଡା ଗ୍ରାମର ଶିବାନୀ ସରକାର (୨୧) କୌଣସି କାର୍ଯ୍ୟରେ ଉମରକୋଟ ଆସି ନିଜ ଘରକୁ ଫେରୁଥିଲେ। ରାଇଘର ଅଭିମୁଖେ ଯାଉଥିବା ଏକ ମାଲ ବୋଝେଇ ଟ୍ରକ (ଓଡ଼ି–୦୨ବିଏମ୍–୪୫୮୦) ସାମନା ଆଡରୁ ଆସୁଥିବା ଏକ ଟ୍ରକକୁ ସାଇଡ ଦେବାକୁ ଯାଇ ସ୍କୁଟି ଉପରେ ଚଢ଼ି ଯାଇଥିଲା। ଶିବାନୀଙ୍କ ୨ ଗୋଡ ଉପରେ ଟ୍ରକ ଚଢ଼ି ଯିବା। ଫଳରେ ପ୍ରବଳ ରକ୍ତସ୍ରାବ ହୋଇଥିଲ। ତୁରନ୍ତ ଶିବାନୀଙ୍କୁ ଉମରକୋଟ ହସ୍ପିଟାଲ୍ ନିଆଯାଇଥିଲା। ସେଠାରୁ ତାଙ୍କୁ ପରେ ବିଶାଖାପାଟଣା ସ୍ଥାନାନ୍ତର କରା ଯାଇଛି। ଶିବାନୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଉମରକୋଟ ପୋଲିସ ଦୁର୍ଘଟଣା ଘଟାଇ ଥିବା ଗାଡ଼ି ସହ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖିଛି। ଶିବାନୀ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଗଠନ କରି ତାହାର ମୁଖ୍ୟ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ଦୁର୍ଘଟଣା ସମ୍ପର୍କରେ ଉମରକୋଟ ଥାନାରେ ପରିବାର ପକ୍ଷରୁ କୌଣସି ଲିଖିତ ଅଭିଯୋଗ ହୋଇନାହିଁ।



# ଭାଜପାର ମିଶ୍ରଣ ପର୍ବ


ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଉଛି।

ଉମରକୋଟ, ୩୧ ।୭(ସନ୍ତୋଷ ଶତପଥୀ)

ଭାଜପା ସଂଖ୍ୟାଲଘୁ ରାଜ୍ୟ ଉପସଭାପତି ତଥା ସାମାଜିକ କର୍ମୀ କାଜାମ ମାଦାନୀଙ୍କ ବାସଭବନରେ ଭାଜପାର ମିଶ୍ରଣ ପର୍ବ ସୋମବାର ଅନୁଷ୍ଠିତ ହୋଇଛି। ଉମରକୋଟ ଅଞ୍ଚଳର ଜଣାଶୁଣା ଯୁବ ଚେହେରା ସୁବାସ ବାଘ ଓ ଦିବ୍ୟ ସୁନା ସୋମବାର ଭାଜପାରେ ମିଶିଛନ୍ତି। ସେମାନଙ୍କ ବ୍ୟତୀତ ସୁବାସଙ୍କ ପ୍ରାୟ ୫୦ ଓ ଦିବ୍ୟଙ୍କ ୧୦୦ରୁ ଊର୍ଦ୍ଧ୍ୱ ସମର୍ଥକ ଭାଜପାରେ ସାମିଲ ହେଇଛନ୍ତି। ଏହି ଅବସରରେ ଜିଲା ସଂଖ୍ୟା ଲଘୁ ମୋର୍ଚ୍ଚା ଜିଲା ସଭାପତି ପବିତ୍ର ଗରଡ଼ା, ଝରିଗାଁ ନିର୍ବାଚନମଣ୍ଡଳୀ ସଂଯୋଜକ ଉଦ୍ଧବ କଟିମ୍, ଜନଜାତି ମଞ୍ଚ ଜିଲା ସଭାପତି ପର୍ଶୁ ଭତ୍ରା, ତୁଳାରାମ ଭତ୍ରା, ଶେଖର ପୂଜାରୀ, ପାଷ୍ଟର ଲାଲ୍ମେନ୍ ବୀର, ପାଷ୍ଟର ନୀତୀନ ଧନଫୁଲ, ପାଷ୍ଟର ସିଦ୍ଧଲାଲା ଡଙ୍ଗରି ,ପାଷ୍ଟର ହିରନ୍ୟ ଡଙ୍ଗରି, ପାଷ୍ଟର ଜଗଲାଲ ଗରଡା, ପାଷ୍ଟର ଫ୍ଲିପ କନ୍ଦପାନ, ପାଷ୍ଟର ରାମବ୍ରେଜ ବାଘ, ହେମନ୍ତ ରାମଚନ୍ଦ୍ର ଗରଡା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ମାସ ବିରାଟ ମିଶ୍ରଣ ପର୍ବ କରାଯିବ ଓ ସେଥିରେ ରାଜ୍ୟସ୍ତରୀୟ ନେତା ଯୋଗଦେବେ ବୋଲି କୁହାଯାଇଛି।

# ଓଏଏସ୍ ପାଇଲେ ତେନ୍ତୁଲିଖୁଣ୍ଟିର ବିଶ୍ୱଜିତ

ତେନ୍ତୁଲିଖୁଣ୍ଟି, ୩୧ ।୭ (ଚିଦାନନ୍ଦ ସାହୁ)

ଓଏଏସ୍ ଫଳାଫଳ ସୋମବାର ପ୍ରକାଶ ପାଇଛି। ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକର ବିଶ୍ୱଜିତ କର୍କରା ୨୮୯ ର୍‍ୟାଙ୍କ ରଖି ଏଥିରେ କୃତକାର୍ଯ୍ୟ ହୋଇଛନ୍ତି। ବିଭିନ୍ନ ସମାଜିକ ଅନୁଷ୍ଠାନ, ବ୍ୟକ୍ତି ସମୂହ ଓ ସାମାଜିକ ଗଣମାଧ୍ୟମ ଗ୍ରୁପ ବିଶ୍ୱଜିତଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ତେନ୍ତୁଲିଖୁଣ୍ଟି ବ୍ଲକ ପାଇଁ ଦ୍ୱିତୀୟ ବ୍ୟକ୍ତିଭାବେ ବିଶ୍ୱଜିତ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। କୁର୍ମାକୋଟ ନିବାସୀ ବିଶ୍ୱଜିତଙ୍କ ବାପା କୃଷକ ତଥା ଜଣେ ରାଜନେତା। ସେ ତେନ୍ତୁଲିଖୁଣ୍ଟିରେ ପ୍ରାଥମିକ ଶିକ୍ଷା ହାସଲ କରିବା ପରେ ସ୍ଥାନୀୟ ବାପୁଜି ଉଚ୍ଚ ବିଦ୍ୟାଳୟରେ ପଢ଼ିଥିଲେ। ଆମପାଣି ବୁଢ଼ାରାଜା ହାଇସ୍କୁଲରୁ ମାଟ୍ରିକ୍ ଓ ସୁନାବେଡାସ୍ଥିତ ଏରନେଟିକ କଲେଜରୁ ଗ୍ରାଜୁଏଶନ କାସ କରିଛନ୍ତି।



# ଖବରଦାତାଙ୍କୁ ଆକ୍ରମଣ ସୁସ୍ଥ ସମାଜ ପାଇଁ ଶୁଭଙ୍କର ନୁହେଁ

ନବରଙ୍ଗପୁର,୩୧ ।୭(ସଦାଶିବ ପ୍ରହରାଜ)

ଯାଜପୁର ଜିଲା ଖବରଦାତା ୟୁନିୟନର ଉପସଭାପତି ତଥା ଦଶରଥପୁର ବ୍ଲକର ଖବରଦାତା ଚନ୍ଦ୍ରଶେଖର ସାହୁ ଓ ଜ୍ୟୋତି ପ୍ରକାଶ ମିଶ୍ରଙ୍କୁ ଗତ ଶୁକ୍ରବାର ରାତିରେ ମରଣାନ୍ତକ ଆକ୍ରମଣ ଘଟଣାକୁ ନବରଙ୍ଗପୁର ଡବ୍ଲୁଜେୟୁ ସଂଘ ନିନ୍ଦା କରିଛି। ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କୁ କେତେଜଣ ଦୁର୍ବୃତ୍ତ ସଂଘବଦ୍ଧ ହୋଇ ମଙ୍ଗଳପୁର ବଜାର ନିକଟରେ ମରଣାନ୍ତକ ଆକ୍ରମଣ କରିବା ଏକ ନିନ୍ଦନୀୟ ଘଟଣା। ଲୋକଙ୍କ ସମସ୍ୟା ସରକାରଙ୍କ ପାଖରେ ଉପସ୍ଥାପନ କରୁଥିବାବେଳେ ତାଙ୍କୁ ଆକ୍ରମଣ କରିବା ସୁସ୍ଥ ସମାଜ ପାଇଁ ଶୁଭଙ୍କର ନୁହେଁ ବୋଲି ଡବ୍ଲୁଜେୟୁ ଅଧ୍ୟକ୍ଷ ପ୍ରଶାନ୍ତ ସାହୁ କହିଛନ୍ତି। ସଭାପତି ପି.ପ୍ରକାଶ, କାର୍ଯ୍ୟକାରିଣୀ ସଭାପତି ଦେବେନ୍ଦ୍ର ମିଶ୍ର, ଉପସଭାପତି କିଶୋର କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ଏ. ସତୀଶ, ସହ ସମ୍ପାଦକ ସ୍ୱାଧୀନ ପଣ୍ଡା, କୋଷାଧ୍ୟକ୍ଷ ରବି ନାରାୟଣ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ସୁଶାନ୍ତ ଶତପଥୀ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କାର୍ଯ୍ୟକାରିଣୀ ସଦସ୍ୟ ନବଘନ ବିଷୋୟୀ, ରାମକିରଣ ପଟ୍ଟନାୟକ, ଶ୍ରୀଧର ପାତ୍ର, ଅଜିତ ନାୟକ, ଗୌରାଙ୍ଗ ପାତ୍ରଙ୍କ ସମେତ ମିଡ଼ିଆ କୋଅର୍ଡିନେଟର ଈଶ୍ୱର ରାଓ, ଦେବୀ ପ୍ରସାଦ ପଟ୍ଟନାୟକ, କୋରେଶ ଉପାସି, ମଧୁସୂଦନ ସାହୁ ଓ ସୁକାନ୍ତ ରଥ ପ୍ରମୁଖ ଦାବି କରିଛନ୍ତି।


ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଖବରଦାତାମାନେ ଦାବି କରୁଛନ୍ତି।

# ନିଶା ସମାଜକୁ କଳୁଷିତ କରୁଛି

ନବରଙ୍ଗପୁର,୩୧ ।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଟିର୍ଲିଆମ୍ବାଗୁଡ଼ାସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ନିଶା ନିବାରଣ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରଞ୍ଜନ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସାନ ମସିଗାଁର ମେଡିକାଲ ମ୍ୟାନେଜର ସୁଧାଂଶୁ ଶେଖର ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଶାର ପ୍ରକାର ଭେଦ ସମ୍ପର୍କରେ ବୁଝାଇଥିଲେ। ଏଥିସହ ନିଶା ସମାଜକୁ କଳୁଷିତ କରୁଛି ବୋଲି କହିଥିଲେ। ମେଡିକାଲ କାଉନସିଲର କୃଷ୍ଣ ମେହେର ଅନ୍ୟତମ ବକ୍ତାଭାବେ ଯୋଗଦେଇ ନିଶାମୁକ୍ତ ନବରଙ୍ଗପୁର ପାଇଁ ଦାୟିତ୍ୱ କ’ଣ ସେ ବିଷୟରେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସଙ୍ଗେ ସଙ୍ଗେ ବୃତ୍ତ ଚିତ୍ର ମାଧ୍ୟମରେ ତମାଖୁ ସେବନର ପ୍ରଭାବ ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ପ୍ରାଣୀ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ଡ ଅରବିନ୍ଦ କୁମାର ଓଝା ଏକ ବୃତ୍ତ ଚିତ୍ର ମାଧ୍ୟମରେ ମାଦକ ଦ୍ରବ୍ୟର ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ। ସୁସ୍ଥ ପରିବାର ତଥା ସୁସ୍ଥ ସମାଜ ଗଠନ ପାଇଁ ସମସ୍ତେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ସୋନୁ ସାହୁ, ଶ୍ରବଣ କୁମାର ପୂଜାରୀ, ସୁଲୋଚନା ନାୟକ, ପଲ୍ଲବୀ ସାହୁ, ବିକ୍ରମ ଭକ୍ତ, ଜିଭିଭି ରଞ୍ଜିତା, ସୁମନ୍ତ ବାଘେଲ୍, ଧନର ମାଝି, ଅକ୍ଷୟ ଭକ୍ତଙ୍କ ସମେତ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ତଥା ସହକାରୀ ପ୍ରଫେସର ରାଜୀବ ଜାଲ ଧନ୍ୟବାଦ ଦେଇଥିଲେ।

### ମଡେଲ ଡିଗ୍ରୀ କଲେଜରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ


ନିଶାନିବାରଣ ନେଇ ଛାତ୍ରୀଛାତ୍ର ଶପଥ ନେଉଛନ୍ତି ।

# ୪୩ ମୃତକଙ୍କ ନାମରେ ଯାଉଥିବା ଭତ୍ତା ଧରାପଡ଼ିଲା

ତେନ୍ତୁଲିଖୁଣ୍ଟି,୩୧ ।୭(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଗୌଡ଼ଦେଓପାଲି ପଞ୍ଚାୟତରେ ସାମାଜିକ ସୁରକ୍ଷା ଯୋଜନାରେ ବ୍ୟାପକ ଅବ୍ୟବସ୍ଥା ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ବିଡିଓ ମନୋଜ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ (ବିଏସ୍ଏସ୍ଓ)ରବୀନ୍ଦ୍ର ସାହୁ ସମ୍ପୃକ୍ତ ପଞ୍ଚାୟତକୁ ଯାଇ ତଦନ୍ତ କରିଥିଲେ। ସରପଞ୍ଚ ପ୍ରମିଳା ମୁଦୁଲି ଓ ପଞ୍ଚାୟତର ଅଙ୍ଗନୱାଡିକେନ୍ଦ୍ରଗୁଡିକର ଅଙ୍ଗନୱାଡି କର୍ମୀଙ୍କ ସହ ବୈଠକ କରି ତାଲିକାକୁ ସାହୁ ଟିକିନିଖି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସାମାଜିକ ସୁରକ୍ଷା ଯୋଜନାରେ ୪୩ ଜଣ ମୃତକଙ୍କ ନାମରେ ଭତ୍ତା ପ୍ରଦାନ କରାଯାଉଥିବା ଜଣାପଡିଥିଲା। ସେମାନଙ୍କ ମଧ୍ୟରୁ ୨୯ ଜଣ ଉପସ୍ଥିତ ରହି ଭତ୍ତା ନେଉଥିଲେ ଏବଂ ୧୪ ଜଣଙ୍କ ବ୍ୟାଙ୍କ ଖାତାକୁ ଭତ୍ତା ଟଙ୍କା ଯାଉଥିବା ଜଣାପଡ଼ିଥିଲା। କେତେ ଜଣ ଅଙ୍ଗନୱାଡି କର୍ମୀ ଆସି ନ ଥିବାରୁ ଏହି ଯାଞ୍ଚ ସମ୍ପୂର୍ଣ୍ଣ ହୋଇପାରିନି। କେତେଜଣ ପଞ୍ଚାୟତ ବାସିନ୍ଦା ନ ଥାଇ ଭତ୍ତାଧାରୀ ଚିହ୍ନଟ ହୋଇଛନ୍ତି। ସରପଞ୍ଚ ମୁଦୁଲି ଓ ଅଙ୍ଗନୱାଡି କର୍ମୀ ଏବଂ ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଆଉ ଏକ ବୈଠକ କରି ଏଥିରେ ରହିଥିବା ଅବ୍ୟବସ୍ଥା ସବୁ ଦୂର କରାଯିବ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ସାହୁ କହିଛନ୍ତି। ଅନ୍ୟପକ୍ଷରେ ଭତ୍ତା ଟଙ୍କା ୯୪ହଜାର ଶହେ ଟଙ୍କା ଯୋଗାଣ ସହାୟକଙ୍କଠାରୁ ନବରଙ୍ଗପୁରରେ ଚୋରି ହେବା ପରେ ଯୋଗାଣ ସହାୟକ ଭତ୍ତାଧାରୀଙ୍କୁ ଠିକ ରୂପେ ଅର୍ଥ ଦେଲେ ନା ନାହିଁ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) କିପରି ଦୃଷ୍ଟି ଦେଲେନି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୃତକ ୨୯ ଜଣଙ୍କ ଭତ୍ତା ଅର୍ଥ କିଏ ନେଇଛି। ଯୋଗାଣ ସହାୟକ ହାତାହାତି ଭତ୍ତା ଦେବା ବେଳେ ପ୍ରଥମ ମାସରେ ସେ କ’ଣ ପାଇଁ ମୃତ୍ୟୁବରଣ କରିଥିବା ଭତ୍ତାଧାରୀଙ୍କ ତାଲିକା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଦେଇ ନ ଥିଲେ ସେନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି। ପିଇଓ ଏବଂ ଅଙ୍ଗନୱାଡି କର୍ମୀ ପ୍ରତି ମାସରେ ଜନ୍ମମୃତ୍ୟୁ ତାଲିକା କରିବା ନିୟମ ରହିଛି। ସେମାନେ ନିୟମିତ ବ୍ୟବଧାନରେ ମୃତକଙ୍କ ନାମ ବିଏସ୍ଏସ୍ଓଙ୍କୁ କାହିଁକି ଦେଉନାହାନ୍ତି ସେ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଗୌଡ଼ ଦେଓପାଲି ପଞ୍ଚାୟତରେ ଭତ୍ତା ଅନିୟମିତତା ପାଇଁ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ତେବେ ଏହି ପଞ୍ଚାୟତ ବ୍ୟତୀତ ଅନ୍ୟ ପଞ୍ଚାୟତରେ ଏଭଳି ହେଉଛି କି ନାହିଁ ଯାଞ୍ଚ କରିବାର ଆବଶ୍ୟକ ରହିଛି ବୋଲି ସାମାଜିକ କର୍ମୀ ଦାବି କରିଛନ୍ତି। ସରପଞ୍ଚ ଦାୟିତ୍ୱ ନେବା ଦିନ ହିଁ ଭତ୍ତା ତାଲିକାରୁ ଯେଉଁମାନେ ଭତ୍ତା ପାଉଥିଲେ ଇତି ମଧ୍ୟରେ ମୃତ୍ୟୁବରଣ କରିସାରିଲେଣି ସେମାନଙ୍କ ନାମ କାଟିବାକୁ ପିଇଓଙ୍କୁ କହିଥିବା ବେଳେ କାହିଁକି ସେ କାଟି ନ ଥିଲେ ମତ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ଏହି ପଞ୍ଚାୟତରେ ଇନ୍ଦିରା ଗାନ୍ଧୀ ଓଲ୍ଡ ଏଜ ପେନ୍‌ସନ ୧୫୫ ଜଣଙ୍କ ଇନ୍ଦିରା ଗାନ୍ଧୀ ଜାତୀୟ ଡିଜାବିଲିଟି ପେନ୍‌ସନ ବାବଦରେ ୨ଜଣଙ୍କ ଟଙ୍କା ବ୍ୟାଙ୍କ ଖାତାରେ ଜମା କରାଯାଉଛି। ରାଜ୍ୟ ସରକାରଙ୍କ ଯୋଜନା ମଧୁବାବୁ ପେନସନ ଡିଜାବିଲିଟି ୧୦, ମଧୁବାବୁ ଓଲ୍ଡ ଏଜ ପେନ୍‌ସନରେ ୧୪୪ ଜଣ, ମଧୁବାବୁ ପେନ୍‌ସନ ବିଧବା ପେନ୍‌ସନରେ ୪୪ ଜଣ ଏବଂ ମଧୁବାବୁ ପେନ୍‌ସନ ସ୍ୱତନ୍ତ୍ର ଭିନ୍ନକ୍ଷମ ବାବଦରେ ୨ ଜଣଙ୍କୁ ଭତ୍ତା ହାତରେ ତିନି ମାସ ହେବ ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ବିଡିଓ ମନୋଜ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ, ଖବର ପ୍ରକାଶ ପରେ ମୋର ଦୃଷ୍ଟିକୁ ଆସିଛି। ଏଥିରେ ସତ୍ୟତା ରହିଛି। ତ୍ରୁଟି ଓ ଅନିୟମିତତା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଧରିତ୍ରୀରେ ଖବର ପ୍ରକାଶ ପରେ ତଦନ୍ତ କଲେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ

